RNI No.ODIODI/2010/33031
୧୬ ବର୍ଷ Volume-16
ISSUE -281 ସଂଖ୍ୟା-୨୮୧
ଭୁବନେଶ୍ୱର, ଶୁକ୍ରବାର ୨୩ ଜାନୁଆରୀ ୨୦୨୬
Bhubaneswar, Friday 23 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

# MANTHAN
# ମନ୍ଥନ

www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ୪.୫୭ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି

ଭୁବନେଶ୍ୱର,୨୨।୧(ନି.ପ୍ର.): ସୁଭଦ୍ରା ଯୋଜନାର ପ୍ରାୟ ୪ ଲକ୍ଷ ୫୭ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ସହାୟତା ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୧୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସୁଭଦ୍ରା ଯୋଜନା ଅନ୍ତର୍ଗତ ପ୍ରଥମ, ଦ୍ୱିତୀୟ ଅବଶିଷ୍ଟ ଏବଂ ତୃତୀୟ କିସ୍ତି ପାଇନଥିବା ହିତାଧିକାରୀଙ୍କୁ ଏବଂ

## ୩୧୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ନୂତନ ଭାବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଜୀକୃତ ହୋଇଥିବା ହିତାକାରୀଙ୍କୁ ସହାୟତା ପ୍ରଦାନ କରାଯାଇଛି ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେଯେ, ବାର୍ଷିକ ୧୧ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା "ସୁଭଦ୍ରା" ହେଉଛି ସ୍ୱାଧୀନତା ପରବର୍ତ୍ତୀ ଓଡିଶାର ସର୍ବବୃହତ୍ ମହିଳା କୈନ୍ଦ୍ରିକ ଯୋଜନା, ଯେଉଁଥିରେ ୨୧ ରୁ ୬୦ ବର୍ଷ ବୟସର ୧ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳାଙ୍କୁ ୫ ବର୍ଷ ମଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ, ମୋଟ ୫୦ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି। ସେଇଥିପାଇଁ 'ସୁଭଦ୍ରା" ଓଡ଼ିଶାର ସମସ୍ତ ମା' ଭଉଣୀଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ଜ୍ୱଳନ୍ତ ନିଦର୍ଶନ। ଆମ ସରକାର ଆସିବାମାତ୍ରେ ପ୍ରଥମ ଦିନରେ ହିଁ ଏଥିପାଇଁ ÿ୍ୟାବିନେଟରେ ନିଷ୍ପତ୍ତି ହୋଇ ସେପ୍ଟେମ୍ବର ୧୭, ୨୦୨୪ ତାରିଖରେ ପ୍ରଥମ କିସ୍ତି ଦିଆ ଯାଇଥିଲା।




ସୁଭଦ୍ରା ଯୋଜନାର ଶୁଭାରମ୍ଭ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଭବ୍ୟ ଉପସ୍ଥିତିରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିଲା ଏବଂ ଅଦ୍ୟାବଧି, ଏକ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ ମୋଟ ୧୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରି ସାରିଲୁଣି । ଏହି ଦୁଇଟି କିସ୍ତିକୁ ପ୍ରତି ବର୍ଷ ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରେ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଯାହା କ୍ରମଶ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳା ସଶକ୍ତିକରଣ ଓ ସେମାନଙ୍କ ଆର୍ଥିକ ସ୍ୱାବଲମ୍ବିତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ଆଣିଥାଏ। ଯେତେବେଳେ ଜଣେ ମହିଳାଙ୍କ ହାତରେ ଟଙ୍କା ଥାଏ, ପରିବାର ଏବଂ ସମାଜରେ ତାଙ୍କର ସ୍ୱର ଅଧିକ ଶକ୍ତିଶାଳୀ ହୋଇଯାଏ । ସେ ନିଷ୍ପତ୍ତି ନେଇପାରନ୍ତି, ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି ଏବଂ ସାହସର ସହିତ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇପାରନ୍ତି ।ସୁଭଦ୍ରା ଯୋଜନା ଆପଣଙ୍କୁ ସେହି ଆତ୍ମବିଶ୍ୱାସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଏହି ଯୋଜନା ସାମାଜିକ ନ୍ୟାୟ ମଧ୍ୟ ପ୍ରଦାନ କରୁଛି । ଏହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଗ୍ରାମାଞ୍ଚଳ, ଆଦିବାସୀ ସମ୍ପ୍ରଦାୟ, ସହରାଞ୍ଚଳ ଗରିବ ପରିବାର ଏବଂ ସାହାଯ୍ୟର ଆବଶ୍ୟକତା ଥିବା ସମସ୍ତ ମହିଳା ଓ ସେମାନଙ୍କ ପରିବାରଙ୍କୁ ସମର୍ଥନ କରିବା ଉପରେ ଧ୍ୟାନ ଦିଏ । କାରଣ ଆମର ଲକ୍ଷ୍ୟ ହେଉଛି, ବିକାଶ ଯାତ୍ରାରେ କେହି ପଛରେ ରହିବା ଉଚିତ୍ ନୁହେଁ। ଆମ ସରକାର କେବଳ ସୁଭଦ୍ରା ଯୋଜନାରେ ସୀମାବଦ୍ଧ ହୋଇ ରହି ନାହାନ୍ତି। ଚଳିତ ବଜେଟରେ ରେକର୍ଡ ୮୯ ହଜାର ୮୬୨ କୋଟି ଟଙ୍କା କେବଳ ମା' ମାନଙ୍କ ପାଇଁ ପ୍ରାବଧାନ କରାଯାଇଛି। ଏହି ପ୍ରାବଧାନ ମୋଟ ବଜେଟ ଆକାରର ପ୍ରାୟ ୩୦ ପ୍ରତିଶତ। ସୁଭଦ୍ରା ଯୋଜନାରେ ଦିଆଯାଇଥିବା ତିନୋଟି କିସ୍ତିର ସହାୟତା ରାଶି ରାଜ୍ୟର ମହିଳାମାନଙ୍କ ଆର୍ଥିକ ମେରୁଦଣ୍ଡକୁ ମଜବୁତ୍ କରିବା ସହ ମହିଳାଙ୍କ ବିକାଶକୁ ଏକ ବଳ ଯୋଗାଇଛି । ଏହି ଧାରାକୁ ବଜାୟ ରଖିବା ସହ ସରକାର ପ୍ରତିଶ୍ରୁତିବଦ୍ଧ । ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ ବୋଲି ସେ କହିଥିଲେ। ଏହି ଅବସରରେ ୫ ସଫଳ ସୁଭଦ୍ରା ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଏବଂ ସହାୟତା ରାଶି ଚେକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ 1 ବାବୁ ସିଂ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ବିଭାଗୀୟ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ପ୍ରମୁଖ ମଂଚାସୀନ ଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳା ଟିଏ ନିଜ ବଳରେ ନିଜର ଉଦ୍ୟମିତା ଆରମ୍ଭ କରିପାରେ। ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ଏହି ଅବସରରେ ୫ ସଫଳ ସୁଭଦ୍ରା ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଏବଂ ସହାୟତା ରାଶି ଚେକ ପ୍ରଦାନ କରିଥିଲେ।

## ୫ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୨୨।୧: ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।



ଫେବୃଆରୀ ପ୍ରଥମ ସପ୍ତାହରେ ତାଙ୍କର ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨ ତାରିଖରୁ ସେ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଫେବୃଆରୀ ୨ରେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚି ରାତ୍ରିଯାପନ କରିବେ। ୩ ରେ ସେ ଫକୀରମୋହନ ୟୁନିଭର୍ସିଟି ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ। ୪ ତାରିଖରେ ଯାଜପୁରରେ ରାଷ୍ଟ୍ରପତି ମା' ବିରଜାଙ୍କ ଦର୍ଶନ କରିବେ। ୫ ଓ ୬ ତାରିଖରେ ମୟୂରଭଞ୍ଜ ଜିଲାରେ ତାଙ୍କର ଏକାଧିକ କାର୍ଯ୍ୟକ୍ରମ ରହିଛି।

## ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଲେ ଆର୍‌ଆଇ

କଟକ,୨୨।୦୧: ଭିଜିଲାନ୍ସ ହାତରେ ଧରାପଡିଲେ ରାଜସ୍ୱ ନିରୀକ୍ଷକ ବା ଆରଆଇ। ଲାଞ୍ଚ ନେବାବେଳେ କଟକ ସଦର କଖାଡି ସର୍କଲର ରାଜସ୍ୱ ନିରୀକ୍ଷକଙ୍କୁ ମାଡିବସିଲା ଭିଜିଲାନ୍ସ ବିଭାଗ। ରାଜସ୍ୱ ନିରୀକ୍ଷକ ଜାନକୀ ରଞ୍ଜନ ମଲ୍ଲିକ ମ୍ୟୁଟେସନ୍ ମାମଲାରେ ରିପୋର୍ଟ ଦାଖଲ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି।

ସୂଚନା ମୁତାବକ, ଆଜି ଅର୍ଥାତ ଗୁରୁବାର କଟକ ସଦର ତହସିଲ ଅନ୍ତର୍ଗତ କଖାଡି ସର୍କଲର ରାଜସ୍ୱ ନିରୀକ୍ଷକ ଜାନକୀ ରଞ୍ଜନ ମଲ୍ଲିକ ଜଣେ ଜମି ମାଲିକଙ୍କ ସପକ୍ଷରେ ଅନୁକୂଳ ରିପୋର୍ଟ ଦାଖଲ କରିବା ପାଇଁ ୧୦,୦୦୦ ଟଙ୍କା ଲାଞ୍ଚ ନେଉଥିଲେ। ସେହି ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ତାଙ୍କୁ ଗିରଫ କରାଯାଇଛି। ଜମି ମାଲିକ ଏଥିପାଇଁ ଅନଲାଇନରେ ଆବେଦନ କରିଥିଲେ। କିନ୍ତୁ, ଅଭିଯୁକ୍ତ ଆରଆଇ ୨୭ରେ ମ୍ୟୁଟେସନ୍ ମାମଲାର ଶୁଣାଣି ପାଇଁ ତାରିଖ ସ୍ଥିର କରିଥିଲେ ଏବଂ ଜମି ମାଲିକଙ୍କୁ ୨୦ ତାରିଖରେ ଆରଆଇ କାର୍ଯ୍ୟାଳୟରେ ହାଜର ହେବାକୁ କହିଥିଲେ। ଯେତେବେଳେ ଜମି ମାଲିକ ୨୦ରେ ଆରଆଇ ଶ୍ରୀ ମଲ୍ଲିକଙ୍କୁ ଭେଟିଥିଲେ, ମଲ୍ଲିକ ମ୍ୟୁଟେସନ୍ ମାମଲାରେ ଅନୁକୂଳ ରିପୋର୍ଟ ଦାଖଲ କରିବା ପାଇଁ ତାଙ୍କଠାରୁ ୧୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। କିନ୍ତୁ, ଜମି ମାଲିକ ଦାବି କରାଯାଇଥିବା ଲାଞ୍ଚ ଦେବାକୁ ଅସମର୍ଥ ପ୍ରକାଶ କରିଥିଲେ। କିନ୍ତୁ ମଲ୍ଲିକ ଜମି ମାଲିକଙ୍କଠାରୁ ଲାଞ୍ଚ ନେବାକୁ ଜିଦ୍ ଧରିଥିଲେ। ଅନ୍ୟ କୌଣସି ଉପାୟ ନପାଇ, ଜମି ମାଲିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହା ପରେ, ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଆରଆଇଙ୍କୁ ତାଙ୍କ କାର୍ଯ୍ୟାଳୟରେ ଜମି ମାଲିକଙ୍କଠାରୁ ୧୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଅଭିଯୁକ୍ତ ଆରଆଇଙ୍କ ନିକଟରୁ ସମସ୍ତ ଦାଗୀ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି।

### ଗୁଜରାଟର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ଗୁଜରାଟରେ ଓଡ଼ିଆ ଭାଷା ଓ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଅନୁରୋଧ

ନୂଆଦିଲ୍ଲୀ,୨୨।୧(ନି.ପ୍ର.): ଗୁଜରାଟ ବିଶେଷ ଭାବରେ ସୁରଟରେ ବସବାସ କରୁଥିବା ଓଡ଼ିଆ ସମ୍ପ୍ରଦାୟର ସାମାଜିକ ଏବଂ ଶିକ୍ଷାଗତ ବିକାଶ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ଗୁଜରାଟରେ ଓଡ଼ିଆ ଭାଷା ଓ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସେ ହସ୍ତକ୍ଷେପ ଲୋଡିଛନ୍ତି।

ଗୁଜରାଟ ବିଶେଷତଃ ସୁରଟରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଭାଷୀ ଜନସମୁଦାୟ ବସବାସ କରୁଛନ୍ତି, ଯେଉଁମାନେ ରାଜ୍ୟର ଶିଳ୍ପ ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି । ଓଡ଼ିଆ ଭାଷା ଏବଂ ସଂସ୍କୃତି ପ୍ରତି ସେମାନଙ୍କର ଆଗ୍ରହ ଏବଂ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ ଗୁଜରାଟରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଓଡ଼ିଆ ଭାଷାର ଶିକ୍ଷଣ-ପ୍ରଶିକ୍ଷଣ ବିଦ୍ୟାଳୟ ସଂଖ୍ୟାରେ ବୃଦ୍ଧି କରାଗଲେ ତାହା ସ୍ୱାଗତଯୋଗ୍ୟ ହେବ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶଳ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି ୨୦୨୦ ମାତୃଭାଷାରେ ପ୍ରାଥମିକ ଶିକ୍ଷା, ଭାରତୀୟ ଭାଷାଗୁଡ଼ିକର ପ୍ରୋତ୍ସାହନ ଏବଂ ବହୁଭାଷୀ ଶିକ୍ଷାକୁ ସୁଲଭ ତଥା ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛି । ଏହି କ୍ରମରେ ଗୁଜରାଟରେ ଓଡ଼ିଆ ଭାଷା ପାଇଁ ଆବଶ୍ୟକୀୟ ସଂସ୍ଥାଗତ ସୁଦୃଢ଼ିକରଣ ପ୍ରାସଙ୍ଗିକତା ରଖୁଛି । ତା' ସହିତ, ରାଜ୍ୟର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାକୁ ଏକ ବୈକଳ୍ପିକ ବିଷୟ ଭାବରେ ଆରମ୍ଭ କରିବା ଏବଂ ଓଡ଼ିଆ ଭାଷା ବିଭାଗ ପ୍ରତିଷ୍ଠା କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷାରେ ଭାଷା-ନିରନ୍ତରତା ଉପଲବ୍ଧ ହୋଇପାରିବ ବୋଲି ଶିକ୍ଷା ମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି । ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଓଡ଼ିଶା-ଗୁଜରାଟ ମଧ୍ୟରେ ସ୍ଥାନାନ୍ତରିତ ହେଉଥିବା ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଏନସିଇଆରଟି ଆଧାରିତ ପାଠ୍ୟକ୍ରମ ପ୍ରଚଳନ କରିବାକୁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ। ଏହି କ୍ରମରେ ଓଡ଼ିଆ ଭାଷା ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଟିଏଟି) ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହାଦ୍ୱାରା ସରକାରୀ ବିଦ୍ୟାଳୟରେ ଯୋଗ୍ୟ ଓଡ଼ିଆ ଶିକ୍ଷକଙ୍କ ଅଭାବ ଦୂର ହୋଇପାରିବ ।



'ସୁରଟ ଓଡ଼ିଆ ସମାଜ' ପକ୍ଷରୁ ମିଳିଥିବା ଆବେଦନ ପତ୍ରକୁ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ସଂଲଗ୍ନ କରିଛନ୍ତି । ଗୁଜରାଟ ସରକାର ଏହି ବିଷୟଗୁଡ଼ିକ ଉପରେ ସହାନୁଭୂତିର ସହ ବିଚାର କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି ।

## ଖାଇକୁ ଖସିଲା ଯବାନଙ୍କ ଗାଡି, ୧୦ ସହିଦ

ଜମ୍ମୁ,୨୨।୧(ନି.ପ୍ର): ଜମ୍ମୁ ଓ କାଶ୍ମୀରର ଡୋଡା ଜିଲାରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ଯବାନଙ୍କୁ ନେଇ ଯାଉଥିବା ଏକ ଗାଡି ହଠାତ୍ ରାସ୍ତାରୁ ଖାଲକୁ ଖସି ଗଭୀର ଖାଇରେ ପଡିଥିଲା । ଘଟଣାସ୍ଥଳରେ ୧୦ଜଣ ଯବାନଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଅନ୍ୟ ସାତ ଜଣ ଗୁରୁତର ଆହତ ହୋଇ ଉଦ୍ଧମପୁର କମାଣ୍ଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।



ସୂଚନା ଅନୁଯାୟୀ, ସେନା ଗାଡ଼ିଟି ଏକ ପାହାଡ଼ି ରାସ୍ତାରେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଗାଡିଟି ହଠାତ୍ ନିୟନ୍ତ୍ରଣ ହରାଇ ଏକ ଘାଟିରେ ପଡ଼ିଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା ବାହିନୀ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ସେନା ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ।

## ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ବୃଦ୍ଧି

ଭୁବନେଶ୍ୱର,୨୨।୧(ନି.ପ୍ର): ରାଜ୍ୟର ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀଙ୍କ ପାଇଁ ଖୁସି ଖବର। ବଢ଼ିଲା ମାସିକ ଭତ୍ତା। ପ୍ରଚଳିତ ଥିବା ମାସିକ ଭତ୍ତାକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଏଣିକି ଗ୍ରାମରକ୍ଷୀ ମାନେ ୧,୮୦୦ ଟଙ୍କା ବଦଳରେ ୨,୫୦୦ ଟଙ୍କା ମାସିକ ଭତ୍ତା ପାଇବେ। ଏଥି ସହିତ ସପ୍ତାହକୁ ଥରେ ସେମାନେ ଯେଉଁ ଥାନା ଅଧୀନରେ କାମ କରୁଥିବେ, ସେଠାକୁ ଯାଇ ସେମାନଙ୍କ ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି ।ସୂଚନାଯୋଗ୍ୟ ଯେ, ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩୧୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କରିଥିଲେ।

## ରାଜ୍ୟସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୨।୧: ରାଜ୍ୟସଭା ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ଭାରତର ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୦ ରାଜ୍ୟମାନଙ୍କର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରସ୍ତୁତି ପାଇଁ ଚିଠି ଲେଖିଛନ୍ତି । ରିଟର୍ଣ୍ଣିଂ ଅଫିସର, ସହାୟକ ରିଟର୍ଣ୍ଣିଂ ଅଫିସର, ଭୋଟ୍ ଗ୍ରହଣ ସ୍ଥାନ ଏବଂ ବାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଧାନସଭା ସଚିବାଳୟକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି ।

ଚିଠିରେ କୁହାଯାଇଛି, ରାଜ୍ୟସଭାରେ ୨୦୨୬ ଏପ୍ରିଲରେ ଅବସର ଗ୍ରହଣ କରୁଥିବା ସଦସ୍ୟମାନଙ୍କ ଯୋଗୁଁ ୧୦ଟି ରାଜ୍ୟରୁ ମୋଟ୍ ୩୭ଟି ଆସନ ଖାଲି ହେବ । ଏହି ଖାଲି ଆସନଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର ୭ଟି, ଓଡ଼ିଶାରେ ୪ଟି, ତାମିଲନାଡୁରେ ୬ଟି, ପଶ୍ଚିମବଙ୍ଗରେ ୫ଟି, ତେଲଙ୍ଗାନାର ୨ଟି, ଆସାମର ୩ଟି, ବିହାରର ୬ଟି, ଛତିଶଗଡ଼ର ୨ଟି, ହରିୟାଣାର ୨ଟି ଆସନ, ହିମାଚଳ ପ୍ରଦେଶର ଗୋଟିଏ ଆସନ ରହିଛି । ତେଣୁ ଏହି ନିର୍ବାଚନ ପ୍ରକ୍ରିୟା ପାଇଁ ରିଟର୍ଣ୍ଣିଂ ଅଫିସର ଏବଂ ସହାୟକ ରିଟର୍ଣ୍ଣିଂ ଅଫିସରଙ୍କ ନିଯୁକ୍ତି ପାଇଁ ପ୍ରସ୍ତାବ ମାଗାଯାଇଛି । ଅଧିକାରୀମାନଙ୍କ ଟେଲିଫୋନ୍ ନମ୍ବର, ମୋବାଇଲ୍ ନମ୍ବର, ଫ୍ୟାକ୍ସ ନମ୍ବର ଏବଂ ଇ-ମେଲ୍ ଆଇଡି ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । ଏହା ସହିତ ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟବହାର ହେବାକୁ ଥିବା ବ୍ୟାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି ।

## ହାର୍ଡକୋର ମାଓବାଦୀ 'ଅନଲ' ମୃତ

ରାଉରକେଲା,୨୨।୧: ପଶ୍ଚିମ ସିଂହଭୂମ ଜିଲ୍ଲା ସରଣ୍ଡା ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଚାଲିଥିବା ଗୁଳିବିନିମୟରେ ସୁରକ୍ଷାବଳକୁ ଏକ ବଡ଼ ସଫଳତା ମିଳିଛି। ଏହି ଅପରେସନରେ ଏକ କୋଟି ଟଙ୍କାର ମୋଷ୍ଟ ୱାଣ୍ଟେଡ୍ ତଥା କୁଖ୍ୟାତ ମାଓବାଦୀ ନେତା 'ଅନଲ' ନିହତ ହୋଇଛି। ଅନଲ ସିପିଆଇ (ମାଓବାଦୀ) ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଥିଲା ଏବଂ ଦୀର୍ଘ ସମୟ ଧରି ପୁଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଥିଲା।ମିଳିଥିବା ସୂଚନା ଅନୁଯାୟୀ, ଛୋଟାନଗରା ଥାନା ଅନ୍ତର୍ଗତ ଜଙ୍ଗଲୀ ଅଞ୍ଚଳରେ କୋବ୍ରା-୨୦୯ ବାଟାଲିୟନ ସହ ଅନଲ ଦସ୍ତାର ସିଧାସଳଖ ମୁହାଁମୁହିଁ ହୋଇଥିଲା। ଏହି ଭୟଙ୍କର ସଂଘର୍ଷରେ ଅନଲ ସମେତ ସମୁଦାୟ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ଘଟଣା ପରେ ସମଗ୍ର ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ସରଣ୍ଡା ଜଙ୍ଗଲର ସୀମାକୁ ସିଲ୍ କରାଯାଇ ସୁରକ୍ଷାକର୍ମୀଙ୍କ ପକ୍ଷରୁ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରହିଛି। ସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳକୁ ଅଧିକ ସୁରକ୍ଷା ବଳ ପଠାଯାଇଛି। ମାଓବାଦୀ ସଂଗଠନ ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

## ଜାତୀୟ ବିଦ୍ୟୁତ୍ ନୀତି-୨୦୨୬ ପ୍ରକାଶିତ

ନୂଆଦିଲ୍ଲୀ,୨୨।୧(ପିଆଇବି): ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନୂଆ ଚିଠା ଜାତୀୟ ବିଦ୍ୟୁତ୍ ନୀତି (ଏନଇପି),୨୦୨୬ ଜାରି କରାଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଯାହାର ମୂଳ ଲକ୍ଷ୍ୟ 'ବିକଶିତ ଭାରତ-୨୦୪୭' ଦୃଷ୍ଟିକୋଣ ଅନୁଯାୟୀ ଦେଶର ଶକ୍ତି କ୍ଷେତ୍ରର ସମଗ୍ର ରୂପାନ୍ତରଣ କରିବା ଅଟେ। ଏହି ନୀତି ଚୂଡ଼ାନ୍ତ ହେଲେ ୨୦୦୫ ମସିହାରେ ବିଜ୍ଞପ୍ତି ହୋଇଥିବା ପୁରୁଣା ଜାତୀୟ ବିଦ୍ୟୁତ୍ ନୀତିକୁ ପ୍ରତିସ୍ଥାପିତ କରିବ।

ପ୍ରଥମ ଜାତୀୟ ବିଦ୍ୟୁତ୍ ନୀତିର ବିଜ୍ଞପ୍ତି ଫେବୃଆରୀ ୨୦୦୫ରେ ପ୍ରକାଶ ପାଇଥିଲା, ଯେଉଁଥିରେ ଶକ୍ତି କ୍ଷେତ୍ର ସମ୍ମୁଖୀନ ହେଉଥିବା ବିଭିନ୍ନ ମୌଳିକ ସମସ୍ୟା ଯେପରିକି ଚାହିଦା-ଯୋଗାଣ ତାରତମ୍ୟ, ବିଦ୍ୟୁତର ସୀମିତ ଉପଲବ୍ଧତା, ଅପର୍ଯ୍ୟାପ୍ତ ଭିତ୍ତିଭୂମି ଇତ୍ୟାଦି ସଂପର୍କରେ ଉଲ୍ଲେଖ ଥିଲା। ସେବେଠାରୁ ଭାରତର ଶକ୍ତିକ୍ଷେତ୍ରରେ ଅନେକ ପରିବର୍ତ୍ତନମୂଳକ ପ୍ରଗତି ଆସିଛି। ଘରୋଇ କ୍ଷେତ୍ରର ଯୋଗଦାନ ପରେ ସ୍ଥାପିତ ବିଦ୍ୟୁତ ଉତ୍ପାଦନ କ୍ଷମତା ଚାରିଗୁଣ ବଢିଛି,ମାର୍ଚ୍ଚ ୨୦୨୧ ସୁଦ୍ଧା ସାର୍ବଜନୀନ ବିଦ୍ୟୁତକରଣ ଲକ୍ଷ୍ୟ ହାସଲ ହୋଇଛି, ଡିସେମ୍ବର ୨୦୧୩ରେ ଏକୀକୃତ ଜାତୀୟ ଗ୍ରୀଡ କାର୍ଯ୍ୟକ୍ଷମ ହୋଇଛି ଓ ୨୦୨୪-୨୫ ସୁଦ୍ଧା ମୁଣ୍ଡପିଛା ବିଦ୍ୟୁତ ଉପଯୋଗ ୧୪୬୦ ୟୁନିଟକୁ ବୃଦ୍ଧି ପାଇଛି। ଦେଶରେ ବିଦ୍ୟୁତ କ୍ରୟ ପାଇଁ ବିଦ୍ୟୁତ ବଜାର ଓ ଏକ୍ସଚେଞ୍ଜଗୁଡ଼ିକ ଅଧିକ ଦକ୍ଷ ଓ ନମନୀୟ ହୋଇଛନ୍ତି।

ଏହି ସଫଳତା ସତ୍ତ୍ୱେ, ବିଭିନ୍ନ କ୍ଷେତ୍ରରେ ସମସ୍ୟା ବଜାୟ ରହିଛି, ବିଶେଷକରି ବିତରଣ କ୍ଷେତ୍ରରେ, ଯେପରିକି ବିପୁଳ କ୍ଷତି ଓ ବକେୟା ଋଣ। ଅନେକ କ୍ଷେତ୍ରରେ ଶୁଳ୍କ ମୂଲ୍ୟ ସହିତ ସମନ୍ୱିତ ନୁହେଁ, ଏବଂ ଉଚ୍ଚ କ୍ରସ୍-ସବସିଡି ଫଳରେ ଔଦ୍ୟୋଗିକ ଶୁଳ୍କ ବୃଦ୍ଧି ପାଇଛି, ଯାହା ଭାରତୀୟ ଶିଳ୍ପର ବିଶ୍ୱ ପ୍ରତିଯୋଗିତା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି।

ଏହି ପୃଷ୍ଠଭୂମିରେ, ଜାତୀୟ ଶକ୍ତି ନୀତି ୨୦୨୬ ଡ୍ରାଫ୍ଟ ମହତ୍ୱାକାଂକ୍ଷୀ କିନ୍ତୁ ଆବଶ୍ୟକୀୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ନୀତିଟି ୨୦୩୦ ସୁଦ୍ଧା ପ୍ରତି ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାରକୁ ୨,୦୦୦ କିଲୋୱାଟ୍-ଘଣ୍ଟା ଏବଂ ୨୦୪୭ ସୁଦ୍ଧା ୪,୦୦୦ କିଲୋୱାଟ୍-ଘଣ୍ଟାରୁ ଅଧିକ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହା ଭାରତର ଜଳବାୟୁ ପ୍ରତିବଦ୍ଧତା ସହିତ ମଧ୍ୟ ସୁସଙ୍ଗତ, ଯେଉଁଥିରେ ୨୦୩୦ ସୁଦ୍ଧା ୨୦୦୫ ସ୍ତରରୁ ୪୫ ପ୍ରତିଶତ ନିର୍ଗମନ ତୀବ୍ରତା ହ୍ରାସ କରିବା ଏବଂ ୨୦୭୦ ସୁଦ୍ଧା ନିଟ୍ ଶୂନ୍ୟ ନିର୍ଗମନ ହାସଲ କରିବା ଅନ୍ତର୍ଭୁକ୍ତ, ଯାହା ପାଇଁ କମ-କାର୍ବନ ଶକ୍ତି ପଥକୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆବଶ୍ୟକ।

## ହାତୀକୁ ଅନ୍ୟ ସ୍ଥାନରେ ପୋତିବା ବଡ଼ ଅପରାଧ : ମନ୍ତ୍ରୀ

ଭୁବନେଶ୍ୱର(ନି.ପ୍ର.):ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା କନ୍ଧମାଳ ବେଲଘର ହାତୀ ମୃତ୍ୟୁ ଘଟଣାର ଚେର କଳାହାଣ୍ଡି ଯାଏଁ ଲମ୍ବିଛି। କନ୍ଧମାଳରେ ହାତୀକୁ ମାରି କଳାହାଣ୍ଡିରେ ପୋତିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ । କଡା ଚେତାବନୀ ଦେଇ ସେ କହିଛନ୍ତି ଏନେଇ ବିଭାଗ ତଦନ୍ତ କରୁଛି, ଯେଉଁମାନେ ସମ୍ପୃକ୍ତ କାର୍ଯ୍ୟାନୁଷ୍ଠାନ ହେବ । ଏହି ଘଟଣାରେ ଯେଉଁମାନେ ସାହାଯ୍ୟ କରିଛନ୍ତି ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏଭଳି ଲୋକ ଚାକିରିରେ ରହିବ ଯୋଗ୍ୟ ନୁହେଁ । ସଠିକ୍ ତଦନ୍ତ ନେଇ ପିସିସିଏଫ୍ ?ଙ୍କ ସହ ଆଲୋଚନା ହୋଇଛି । ସ୍ୱତନ୍ତ୍ର ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । କନ୍ଧମାଳ ବେଲଘର ରେଞ୍ଜ ଅଞ୍ଚଳରେ ହାତୀ ମୃତ୍ୟୁ ପରେ ଘଟଣାକୁ ଚପାଇଦେବା ପାଇଁ ଯଥେଷ୍ଟ ଉଦ୍ୟମ କରାଯାଇଛି।

## ପୁରୀ ଜିଲ୍ଲାର ୭୨ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ

ପୁରୀ,୨୨।୧(ନି.ପ୍ର.): ଶିକ୍ଷା ବିଭାଗର ନିୟମକୁ ଅବହେଳା କରିବା ଏବେ ପୁରୀ ଜିଲ୍ଲାର ୭୨ ଜଣ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ସରକାରୀ ସଚେତନତା କାର୍ଯ୍ୟକ୍ରମର ରିପୋର୍ଟ ଦାଖଲ ନକରିବା ଏବଂ ୟୁଟିଲାଇଜେସନ ସାର୍ଟିଫିକେଟ୍ (ୟୁସି) ଦେଇନଥିବା ଅଭିଯୋଗରେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ଏହି ୭୨ ଜଣଙ୍କ ଜାନୁଆରୀ ମାସର ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ବର୍ଷ ବର୍ଷା ଦିନେ ବିଦ୍ୟାଳୟଗୁଡ଼ିକରେ 'ସର୍ପାଘାତ ଏବଂ ବଜ୍ରପାତରୁ ସୁରକ୍ଷା' ସମ୍ପର୍କରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସଚେତନତା ଶିବିର ଆୟୋଜନ କରିବା ପାଇଁ ପ୍ରତ୍ୟେକ ପ୍ରଧାନଶିକ୍ଷକଙ୍କୁ ୪,୫୦୦ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ କରାଯାଇଥିଲା। ନିୟମ ଅନୁଯାୟୀ, ଏହି ଶିବିର ଶେଷ ହେବା ପରେ ଏହାର ଫଟୋ, ଭିଡିଓ ଏବଂ ଖର୍ଚ୍ଚର ହିସାବ ବିଭାଗ ନିକଟରେ ଦାଖଲ କରିବା କଥା। ମାତ୍ର ବାରମ୍ବାର ରିମାଇଣ୍ଡର ସତ୍ତ୍ୱେ ଏହି ୭୨ ଜଣ ପ୍ରଧାନଶିକ୍ଷକ କୌଣସି ରିପୋର୍ଟ ଦେଇନଥିଲେ। ସନ୍ତୋଷଜନକ ରିପୋର୍ଟ ନମିଳିବା ପର୍ଯ୍ୟନ୍ତ ଏହି ପ୍ରଧାନ ଶିକ୍ଷକମାନଙ୍କ ଜାନୁଆରୀ ୨୦୨୬ ମାସର ଦରମା ବନ୍ଦ ରହିବ। ଜନସାଧାରଣଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ଅବହେଳାକୁ ସରକାର ବରଦାସ୍ତ କରିବେ ନାହିଁ। ଯଦି ତୁରନ୍ତ ୟୁସି ଦାଖଲ କରାଯାଏ ନାହିଁ, ତେବେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।ଏହି ଘଟଣା ସାମ୍ନାକୁ ଆସିବା ପରେ ସାରା ଜିଲ୍ଲାରେ ଶିକ୍ଷକମାନଙ୍କ ମଧ୍ୟରେ ଛନକା ପଶିଛି। ପୂର୍ବରୁ ମଧ୍ୟ ଅନେକ ସମୟରେ ସରକାରୀ ପାଣ୍ଠିର ସଠିକ୍ ବ୍ୟବହାରକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଏହି ପଦକ୍ଷେପ ଶିକ୍ଷକଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ ବଢ଼ାଇବ ବୋଲି ବିଶ୍ୱାସ କରାଯାଉଛି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶାନ୍ତି ନାଁରେ କୂଟନୀତି

ଗାଜାକୁ ନେଇ ଗଠନ ହୋଇଥିବା ଶାନ୍ତି ବୋର୍ଡରେ ପାକିସ୍ତାନ ସାମିଲ ହୋଇଛି। ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଇସାକ ଡାର ଏହାକୁ ନିଶ୍ଚିତ କରି କହିଛନ୍ତି ଯେ, ଏହି ନିଷ୍ପତ୍ତି ଗାଜା ଶାନ୍ତି ଯୋଜନାକୁ ସମର୍ଥନ କରି ନିଆଯାଇଛି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କହିଛି, ଦେଶ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ନିମନ୍ତ୍ରଣକୁ ଗ୍ରହଣ କରିଛି। ଶାହବାଜ ସରିଫ ସରକାରଙ୍କ ଏହି ନିଷ୍ପତ୍ତି ପାକିସ୍ତାନ ଭିତରେ ବିରୋଧ ସୃଷ୍ଟି କରିଛି। ଏହି ନିଷ୍ପତ୍ତିକୁ ନେଇ ସଂସଦରେ ଆଲୋଚନା ମଧ୍ୟ କରାଯାଇ ନଥିଲା। ପାକିସ୍ତାନୀ ରାଜନେତା ଓ ପୂର୍ବତନ ସେନେଟର ମୁସ୍ତାଫା ନୱାଜ ଖୋଖର ଇନଷ୍ଟାଗ୍ରାମରେ ଲେଖିଛନ୍ତି, ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ପାକିସ୍ତାନର ନିଷ୍ପତ୍ତି ଦର୍ଶାଉଛି, ଏହି ସରକାରଙ୍କ ପାକିସ୍ତାନୀ ଲୋକଙ୍କ ପାଇଁ କୌଣସି ଚିନ୍ତା ନାହିଁ। ସେ କହିଛନ୍ତି, ପାକିସ୍ତାନ କୌଣସି ସାର୍ବଜନୀନ ବିତର୍କ କିମ୍ବା ସଂସଦୀୟ ମତାମତ ବିନା ଯୋଗ ଦେଇଛି। ସେ ଶାନ୍ତି ବୋର୍ଡକୁ ସମାଲୋଚନା କରିଛନ୍ତି। ସେ ଶାନ୍ତି ବୋର୍ଡକୁ ଏକ ଉପନିବେଶିକ ପ୍ରୟାସ ଭାବରେ ବର୍ଣ୍ଣନା କରି କହିଛନ୍ତି, ଏହାର ଲକ୍ଷ୍ୟ କେବଳ ଗାଜାକୁ ଶାସନ କରିବା ନୁହେଁ ବରଂ ଜାତିସଂଘ ସହିତ ସମାନ୍ତରାଳ ଏକ ବ୍ୟବସ୍ଥା ସୃଷ୍ଟି କରିବା। ଅନେକ ବିଶେଷଜ୍ଞ ଶାନ୍ତି ବୋର୍ଡ ବିଷୟରେ ଏଭଳି ଚିନ୍ତା ପ୍ରକାଶ କରିଛନ୍ତି। ପୂର୍ବତନ ପାକିସ୍ତାନୀ ସେନେଟର ଶାନ୍ତି ବୋର୍ଡକୁ ଟ୍ରମ୍ପଙ୍କ ବ୍ୟକ୍ତିଗତ ଗୋଷ୍ଠୀ ଭାବରେ ବର୍ଣ୍ଣନା କରି କହିଛନ୍ତି, ଏହା ଟ୍ରମ୍ପଙ୍କୁ ତାଙ୍କର ବ୍ୟକ୍ତିଗତ ଓ ଆମେରିକୀୟ ଏଜେଣ୍ଡାକୁ ବିନା କୌଣସି ବାଧାରେ କାର୍ଯ୍ୟକାରୀ କରିବା ପାଇଁ ଅଧିକାର ପ୍ରଦାନ କରିବ। ଅନ୍ୟ ସମସ୍ତ ସଦସ୍ୟଙ୍କୁ ଅଧ୍ୟକ୍ଷ ଟ୍ରମ୍ପ ମନୋନୀତ କିମ୍ବା ଅପସାରିତ କରିପାରିବେ। ବୋର୍ଡ କେବେ ବସିବ କିମ୍ବା କେଉଁ ପ୍ରସଙ୍ଗ ଉପରେ ଆଲୋଚନା କରିବ ତାହା ଅଧ୍ୟକ୍ଷ ନିଷ୍ପତ୍ତି ନେବେ। ଏହି ନୂତନ ଫୋରମରେ, କେବଳ ଟ୍ରମ୍ପଙ୍କ ପାଖରେ ସମ୍ପୂର୍ଣ୍ଣ ଭିଟୋ କ୍ଷମତା ରହିବ। ସ୍ଥାୟୀ ଆସନ ପାଇଁ ସଦସ୍ୟମାନଙ୍କଠାରୁ ଆଦାୟ କରାଯାଉଥିବା ୧ ବିଲିୟନ ଡଲାର ଫିକୁ ଖୋଖାର ସମାଲୋଚନା କରି କହିଛନ୍ତି ଏହି ଟିକେଟ ଧନୀଦେଶମାନଙ୍କ ପାଇଁ ଏକ କ୍ଲବ କରିବ। ଏପରି କ୍ଲବଗୁଡ଼ିକ ପ୍ରାୟତଃ କ'ଣ କରନ୍ତି ତାହା ସମସ୍ତେ ଜାଣିଛନ୍ତି। ଏପର୍ଯ୍ୟନ୍ତ ଆଠଟି ମୁସଲିମ ଦେଶ ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ଯୋଗ ଦେଇଛନ୍ତି। ପାକିସ୍ତାନ ସହିତ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ତୁର୍କୀ, ମିଶର, ଜୋର୍ଡାନ, ଇଣ୍ଡୋନେସିଆ ଓ କାତାର ଯୋଗ ଦେବାକୁ ରାଜି ହୋଇଛନ୍ତି। ଇସ୍ରାଏଲ ପ୍ରଥମେ ବୋର୍ଡରେ ତୁର୍କୀ ଓ କାତାରଙ୍କ ଉପସ୍ଥିତିକୁ ବିରୋଧ କରିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଇସ୍ରାଏଲର ସାମିଲ ନେଇ ଘୋଷଣା କରିଛି। ଟ୍ରମ୍ପ ଭାରତ ସମେତ ବିଶ୍ୱର ୫୯ ଜଣ ନେତାଙ୍କୁ ବୋର୍ଡରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି। ପାକିସ୍ତାନ ନିମନ୍ତ୍ରଣ ଗ୍ରହଣ କରିଥିବା ବେଳେ, ଭାରତ ଏପର୍ଯ୍ୟନ୍ତ ଏହା ଉପରେ ନିଷ୍ପତ୍ତି ନେଇନାହିଁ। ବୋର୍ଡର ଉଦ୍ଦେଶ୍ୟ ହେଉଛି ଗାଜାରେ ଯୁଦ୍ଧବିରତି ଚୁକ୍ତିନାମା ତଦାରଖ କରିବା ଓ ଅନ୍ୟାନ୍ୟ ବିବାଦର ସମାଧାନ କରିବା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ନିମନ୍ତ୍ରିତ ଲୋକଙ୍କ ମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଅଛନ୍ତି। ସେ କହିଛନ୍ତି ଯେ, ମୁଁ ନିମନ୍ତ୍ରଣ ଗ୍ରହଣ କରିବି କିନ୍ତୁ ଏକ ସର୍ତ୍ତରେ। ମସ୍କ ? ଏପର୍ଯ୍ୟନ୍ତ ପ୍ରସ୍ତାବର ଯାଞ୍ଚ କରୁଛି। ଆମେରିକା ଦ୍ୱାରା ଫ୍ରିଜ୍ କରାଯାଇଥିବା ରୁଷୀୟ ସମ୍ପତ୍ତିରୁ କ୍ରେମଲିନ୍ ବୋର୍ଡରେ ସ୍ଥାୟୀ ଆସନ ପାଇଁ ୧ ବିଲିୟନ ଡଲାର ଯୋଗଦାନ କରିବ। ଶାନ୍ତି ବୋର୍ଡରେ ଆମର ଅଂଶଗ୍ରହଣ ସମ୍ପର୍କରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଆମ ଦ୍ୱାରା ପ୍ରାପ୍ତ ଡକ୍ୟୁମେଣ୍ଟଗୁଡ଼ିକୁ ଅଧ୍ୟୟନ କରିବାକୁ ଓ ଏହି ବିଷୟରେ ଆମର ରଣନୈତିକ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତା'ପରେ ହିଁ ଆମେ ଆମକୁ ଦିଆଯାଇଥିବା ନିମନ୍ତ୍ରଣର ଜବାବ ଦେଇପାରିବୁ। ଆମେ ସର୍ବଦା ଅନ୍ତର୍ଜାତୀୟ ସ୍ଥିରତାକୁ ସୁଦୃଢ଼ ??କରିବା ପାଇଁ ଯେକୌଣସି ପ୍ରୟାସକୁ ସମର୍ଥନ କରିଛୁ ଓ ସମର୍ଥନ କରିବୁ। ୟୁକ୍ରେନୀୟ ସଙ୍କଟର ସମାଧାନ ଖୋଜିବାରେ ଆମେ ବର୍ତ୍ତମାନର ଆମେରିକୀୟ ପ୍ରଶାସନର ଅବଦାନକୁ ମଧ୍ୟ ସ୍ୱୀକାର କରୁଛୁ ବୋଲି ପୁଟିନ କହିଛନ୍ତି।

# ଶ୍ରୀପଞ୍ଚମୀ

### ମାଘ ସ୍ନାନକୁ ହେଲେ ବାହାର, ମାଘ ସ୍ନାନକୁ ସେ ବାହାର ହୋଇ, ବସନ୍ତ ପଞ୍ଚମୀ ନାମ ବୋଲାଇ......

ଡ଼ଃ.ଅରୁନ୍ଧତୀ ଦେବୀ

କିମ୍ବଦନ୍ତୀ କହେ, ଦେବୀ ସରସ୍ୱତୀ ବା ବାଗଦେବୀ ଧର୍ମଦେବଙ୍କ ବାମ ପାର୍ଶ୍ୱରୁ ଆବିର୍ଭୂତା। ସେ ଶୁକ୍ଳବର୍ଣ୍ଣା, ମକର ବା ହଂସାରୂଢ଼ା, ଶ୍ୱେତପଦ୍ମାସନା, ବୀଣା ପୁସ୍ତକଧାରିଣୀ ଓ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ବସନ୍ତ ପଞ୍ଚମୀ ଭାବେ ବିଦିତ ମାଘ ଶୁକ୍ଳ ପଞ୍ଚମୀ ବା ଶ୍ରୀପଞ୍ଚମୀ ଦିନ ସରସ୍ୱତୀଙ୍କୁ ଆବାହନ କରାଯାଏ। ବହୁ ପୁରାଣରେ ସରସ୍ୱତୀଙ୍କ ପ୍ରସଙ୍ଗରେ ଭିନ୍ନ ଭିନ୍ନ ଅବତାରଣା ରହିଛି।

ପ୍ରତି ବର୍ଷ ମାଘ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ଦିନ ମାତା ସରସ୍ୱତୀଙ୍କ ପୂଜା କରାଯାଇଥାଏ । ଜ୍ଞାନ ଏବଂ ବାଣୀର ଦେବୀ ମାତା ସରସ୍ୱତୀ ଏହି ଦିନ ପ୍ରକଟ ହୋଇଥିବା ବେଦ ଓ ପୁରାଣରେ ବର୍ଣ୍ଣିତ । ସେଥିପାଇଁ ଏହି ଦିନକୁ ସରସ୍ୱତୀ ଜନ୍ମୋତ୍ସବ ଭାବେ ପାଳନ କରାଯାଇଥାଏ । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତପ୍ରାୟ ଶାନ୍ତ ରହିଛି । ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ । ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ । ବ୍ରହ୍ମାଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ । ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କ ଆହ୍ୱାନ କରିବାକୁ କହିଲେ । କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ । ଭଗବାନ ବିଷ୍ଣୁ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆହ୍ୱାନ କଲେ । ଦେବୀ ହାତରେ ବୀଣା ନେଇ ପ୍ରକଟ ହେଲେ । ବୀଣାରେ ସୃଷ୍ଟିରେ ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ । ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା । ଏଇଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା । ସା ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୁକ ସୃଷ୍ଟିରେ



ଧ୍ୱନି ସଂଚରିତ ହେଲା । ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା । ନଦୀରେ କୁଳୁ କୁଳୁ ସ୍ୱର ଭରିଗଲା । ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ । ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ ବାଗେଶ୍ୱରୀ ନାମ ଦେଲେ । ହାତରେ ବାଣୀ ଥିବା କାରଣରୁ ସେ ବୀଣାପାଣି ନାମରେ ଖ୍ୟାତ ହେଲେ । 'ବନ୍ଦଇ ହରି ଦେବ ମୁରାରୀ ଲକ୍ଷ୍ମୀ ଦେବୀଙ୍କ କାନ୍ତ ଅଭୟ ବର ଦ୍ୟନ୍ତୁ କୁମର ସେ ପ୍ରଭୁ ଦେବ ଅନନ୍ତ ବାରମାସ ମଧ୍ୟେ ଅଟଇ ସାର। ମାଘ ସ୍ନାନକୁ ହେଲେ ବାହାର, ମାଘ ସ୍ନାନକୁ ସେ ବାହାର ହୋଇ, ବସନ୍ତ ପଞ୍ଚମୀ ନାମ ବୋଲାଇ। ଏହି ପଞ୍ଚମୀ ଯେ ଅଟଇ ଭଲ ଆନ ପଞ୍ଚମୀ ନୁହେଁ ଏହା ତୁଲ ପିତୁଳା ଲେଖାଇ ସେ ଯାନ୍ତି ଶ୍ରୀଫଳ ପୁସ୍ତକ ହସ୍ତେ ଘେନନ୍ତି...।'

ବଳରାମ ଦାସଙ୍କ ରଚିତ ଏହି ଗୀତଟି ଏକଦା ପୁରାତନ ଚାଟଶାଳୀ ପାଠ ପୁସ୍ତକରେ ଥିଲା। ପୂର୍ବେ ଚାଟମାନେ ସରସ୍ୱତୀ ପୂଜା ଅବସରରେ ଏ ଗୀତ ଗାଇ ଅବଧାନଙ୍କ ଲାଗି ଅଭିଭାବକଙ୍କୁ ସିଧା ବା ଚାନ୍ଦା ନିବେଦନ କରୁଥିଲେ। ଏଥିରୁ ବସନ୍ତ ପଞ୍ଚମୀର ପ୍ରାଚୀନତା ଓ ତାତ୍ପର୍ଯ୍ୟ ବୁଝିହୁଏ। ଦେବୀଙ୍କ କୃପାରୁ ହେଉ ବା ନବ ବସନ୍ତ ଆଗମନ ଯୋଗୁଁ ହେଉ, ଏ ସମୟରେ କିନ୍ତୁ, ମନୁଷ୍ୟ ଚେତନାରେ ନବ ଭାବନା ଜାଗରୁକ ହୁଏ। ପିଲାଏ ପାଠପଢ଼ାରେ ମନୋନିବେଶ କରନ୍ତି। ତେଣୁ କୁହାଯାଏ, ଯେ ବିଦ୍ୟାରମ୍ଭ ଲାଗି ଶ୍ରୀପଞ୍ଚମୀ ଠାରୁ ବଳି ଶୁଭ ବେଳା ନାହିଁ। ପ୍ରାଚୀନ କାଳରୁ ଦେଶର ଅଧିକାଂଶ ରାଜ୍ୟରେ ସରସ୍ୱତୀ ପୂଜା ଜାକଜମକରେ ହେଉଥିଲେ ହେଁ ଅନ୍ୟ ଦେବଦେବୀଙ୍କ ମନ୍ଦିର ଭଳି ବହୁ ସଂଖ୍ୟକ ସରସ୍ୱତୀ ମନ୍ଦିର ଦୃଷ୍ଟିଗୋଚର ହୁଏନାହିଁ। ଯଦିଓ ବହୁ ମନ୍ଦିରରେ ମାତା ସରସ୍ୱତୀ ପାର୍ଶ୍ୱଦେବୀ ରୂପେ ପୂଜିତା, କିନ୍ତୁ ତାଙ୍କୁ ସମର୍ପିତ ମନ୍ଦିର ସଂଖ୍ୟା ନଗଣ୍ୟ। ବହୁ ମନ୍ଦିର ଥିବା ଆମ ରାଜ୍ୟ ଓଡ଼ିଶାରେ ବି ସରସ୍ୱତୀଙ୍କ ପ୍ରତି ସମର୍ପିତ ମନ୍ଦିର ପ୍ରାୟ ନାହିଁ। ଏଯାବତ୍ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳରେ ହିଁ ସରସ୍ୱତୀ ମନ୍ଦିରଟିଏ ରହିଛି। ସମ୍ପ୍ରତି କେବଳ ବସନ୍ତ ପଞ୍ଚମୀ ଦିନ ଶିକ୍ଷାନୁଷ୍ଠାନ, ପାଠାଗାର ଓ ଅଳ୍ପକିଛି ସାର୍ବଜନୀନ ପୂଜାସ୍ଥଳୀରେ ସରସ୍ୱତୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ମା' ସରସ୍ୱତୀଙ୍କ କୃପା ଆମ ସମସ୍ତଙ୍କୁ ପ୍ରାପ୍ତ ହେଉ ଏହା ହିଁ ପ୍ରାର୍ଥନା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଭଗବତୀ ଭାରତୀ ଦେବୀ ନମସ୍ତେ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମା'ସରସ୍ୱତୀ ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ଗାୟତ୍ରୀ ରହସ୍ୟୋପନିଷଦରେ ବର୍ଣ୍ଣିତ ଅଛି – ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍ – ସରସ୍ୱତୀଙ୍କ ପାଖରୁ ସମସ୍ତ ବେଦ ସୃଷ୍ଟି। ମା'ସରସ୍ୱତୀଙ୍କର ବହୁ ନାମ ରହିଛି – ବାକ୍, ବାକ୍ୟେଶ୍ୱରୀ, ଭାରତୀ, ବାଣୀ ଇତ୍ୟାଦି। ମା'ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ, ହସ୍ତରେ ବୀଣା, ଗଳାରେ ମୁକ୍ତାର ମାଳ ଓ କୋଳରେ ପୁସ୍ତକ ଶୋଭିତ। ଏହାର ତାତ୍ପର୍ଯ୍ୟ କ'ଣ ? ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସମୀପରେ ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ସମସ୍ତ ବିଷୟରେ ଆଲୋଚନା ହୋଇଛି। ସରସ୍ୱତୀ ଶବ୍ଦର ଅର୍ଥ – ସରସ୍ + ବତୀ, ସରସ ମାନେ ଜଳ, ତେଣୁ ମା'ସରସ୍ୱତୀ ହେଲେ ଜଳବତୀ। ଧାତୁଗତ ଅର୍ଥ ପ୍ରୟୋଗ କରି ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ – ସରସ୍ ଶବ୍ଦର ଧାତୁ ହେଉଛି ସୃ ଧାତୁ – ଅର୍ଥ ଗତି ବା ଚାଲିବା। ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ – ସରସ୍ୱତୀ ଅର୍ଥ ଗତିବତୀ, ଗତିର ପ୍ରତୀକ। ସୃ ଧାତୁର ଅନ୍ୟ ଏକ ଅର୍ଥ ହେଉଛି ବିକଶିତ ହେବା। ତେଣୁ ସରସ୍ୱତୀ ଶବ୍ଦରେ ବିକାଶର ବ୍ୟାକୁଳତା ରହିଛି। ମା'ସରସ୍ୱତୀଙ୍କର ଅନ୍ୟ ଏକ ନାମ ବାଗ୍‌ଦେବୀ। ବାକ୍‌ମାନେ ଶବ୍ଦ। ତେଣୁ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର କହିଲେ – ମା'ସରସ୍ୱତୀ ଶବ୍ଦର ଦେବୀ। ସରସ୍ୱତୀ ପ୍ରତିମା ମଧ୍ୟରେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରାଯାଏ। ସୃଷ୍ଟିର ଆଦିରେ ଅଛି ଗତି। ଅନନ୍ତ ବକ୍ଷରେ ଆକର୍ଷଣ–ବିକର୍ଷଣ ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର – ଗତି ଓ ସ୍ପନ୍ଦନ ବା ଶବ୍ଦ। ଅନନ୍ତ ବ୍ୟୋମରେ ଏହି ଶବ୍ଦ ନାନା ରୂପେ ପ୍ରତିଭାତ। ତେଣୁ ଶ୍ରୀମଦ୍ ଭାଗବତରେ ଅଛି – ଆଦିରେ ପରମବ୍ରହ୍ମ ଶବ୍ଦରୂପୀ। ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହେବ। ମା'ସରସ୍ୱତୀ ପୂଜା ସେହି ଶବ୍ଦ ଉପାସନାର ବ୍ୟାପାର।



ବିଦ୍ୟାଦାୟିନୀ, ଜଡ଼ତାହାରିଣୀ କାବ୍ୟକଳାର ଆଦ୍ୟାଶକ୍ତି – ସକଳ ଜ୍ଞାନ ଓ ଚେତନା ଶକ୍ତିର ଉଦ୍ରେକକାରିଣୀ, ଦେବୀ ବୀଣାପାଣି । ମା'ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଜ୍ଞାନପିପାସୁ ଆର୍ଯ୍ୟ ମାନବ ଭକ୍ତି ବିନମ୍ର କଣ୍ଠରେ ଗାଇଥାଏ – 'ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡମଣ୍ଡିତକରା, ଯା ଶୁକ୍ଳ ବସ୍ତ୍ରାନ୍ୱିତା, ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ ଦେବୈ ସଦା ବନ୍ଦିତା, ସ ମାଂ ପାତୁ ସରସ୍ୱତୀ ଭଗବତୀ ନିଶେଷ ଜାଡ଼୍ୟାପହା।' ଶ୍ରୀ ଶ୍ରୀ ଚଣ୍ଡୀରେ ମହାଶକ୍ତିଙ୍କୁ ପ୍ରାର୍ଥନା କରି କୁହାଯାଇଛି – 'ବିଦ୍ୟାଃ ସମସ୍ତା ସ୍ତବ ଦେବୀ, ଭେଦଃ ସ୍ତ୍ରିୟଃ ସମସ୍ତାଃ ସକଳା ଜଗତ୍‌ସୁ। ତ୍ୱ ନୈ କାୟା ପୁରିତମ୍ – ସ୍ୱୟୈତତ୍, କାତେ ସ୍ତୁତିଃ ସ୍ତବ୍ୟ ପରା ପରୋକ୍ତିଃ।' ଅର୍ଥାତ୍ ହେ ଦେବୀ – ତୁମେ ହିଁ ସକଳ ବିଦ୍ୟାର ଧାତ୍ରୀ ଓ ଦାତ୍ରୀ, ତୁମେ ହିଁ ସକଳ ଶକ୍ତିର ଆଧାର ଓ ସର୍ବତ୍ର ପରିବ୍ୟାପ୍ତ । ତୁମ ବ୍ୟତୀତ ଏ ବିଶ୍ୱରେ ଆଉ କାହାର ସତ୍ତା ଉପଲବ୍ଧି କରି ହୁଏନା। ଆମ ଶାସ୍ତ୍ରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ଏଇ ତ୍ରିଶକ୍ତିଙ୍କ ସମନ୍ୱିତ ଶକ୍ତିକୁ ମହାମାୟା ବା ଆଦ୍ୟାଶକ୍ତି ରୂପରେ ବର୍ଣ୍ଣନା କରାଯାଇଛି । ଶକ୍ତି ତତ୍ତ୍ୱ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ ସରସ୍ୱତୀ ମହାଶକ୍ତିଙ୍କର ଅଂଶ ବିଶେଷ ବା ଏକ ପ୍ରକାଶ ସ୍ୱରୂପ। ମହାଲକ୍ଷ୍ମୀ ଧନଧାନ୍ୟର ମହାସରସ୍ୱତୀ ସକଳ ବିଦ୍ୟା ସକଳ ଜ୍ଞାନ ଓ ବିବେକର ଏବଂ ମହାକାଳୀ ସକଳ ଶକ୍ତିର ଉତ୍ସ ତଥା ପ୍ରକାଶକ ରୂପେ ପରିକଳ୍ପିତ। ବେଦ ବାଣୀ – ବେଦରେ ଦେବୀମାନଙ୍କର ବନ୍ଦନାରେ ସରସ୍ୱତୀଙ୍କର ବର୍ଣ୍ଣନା ପ୍ରଥମ ଓ ପ୍ରଧାନ। ଋଗ୍ ବେଦରେ କଥିତ ଅଛି – ସରସ୍ୱତୀ ମହାଶକ୍ତିଙ୍କର ଉତ୍ସ। ଏହି ସରସ୍ୱତୀ ନିରାକାର, ନିର୍ଗୁଣ, ନିର୍ମାୟା, ଆଦ୍ୟାଶକ୍ତି। ତାଙ୍କୁ ମାତା ଓ ନଦୀ ରୂପରେ ସ୍ତୁତି କରାଯାଇ କୁହାଯାଏ –ଅମ୍ବି ତମେ ନଦୀ ତମେ, ଦେବୀ ତମେ ସରସ୍ୱତୀ, ଅପ୍ରଶସ୍ତ ଇବ ସ୍ୱାମୀ, ପ୍ରଶସ୍ତି ମମ ନିସ୍କୃତି। (ଋଗ୍ ବେଦ – ମ – ୨ – ସ ୪୧ –ଋ– ୧୬) ଋଗ୍ ବେଦର ଏହି ବାଣୀରେ ଆର୍ଯ୍ୟ ଋଷିଗଣ ସ୍ତୁତି କରୁଅଛନ୍ତି ଯେ ହେ ଶ୍ରେଷ୍ଠା ମାତା, ହେ ଶ୍ରେଷ୍ଠା ନଦୀ, ହେ ଶ୍ରେଷ୍ଠା ଦେବୀ – ଆମେ ସବୁ ଅପ୍ରଶସ୍ତ ପ୍ରାଣୀ, ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ। ଏଣୁ ଏହି ବେଦବାଣୀ ଅନୁଯାୟୀ ଦିବ୍ୟ ଜ୍ଞାନ ପ୍ରଦାୟିନୀ ଦେବୀ ଜଗତର ଶ୍ରେଷ୍ଠ ମାତା ରୂପେ ପୂଜିତ ଓ ଶ୍ରେଷ୍ଠ ନଦୀ ରୂପେ ବର୍ଣ୍ଣିତ। ସରସ୍ୱତୀ ଶବ୍ଦର ମୂଳ ଅର୍ଥ ହେଲା – (ସ୍ୱତଃ+ବତୀ) ପ୍ରସରଣ ଯାହାଙ୍କର ଅଛି। ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢ଼ାଇ ଘେନି ଯିବାର ସେ ହେଲେ ଅଧିଷ୍ଠାତ୍ରୀ ଦେବୀ।

ମା'ସରସ୍ୱତୀଙ୍କର ଚରଣଯୁଗଳ ପଦ୍ମ ଉପରେ ନ୍ୟସ୍ତ ଓ ପଦ୍ମପାଣିରେ ଫୁଟିଛି। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହାର ଅର୍ଥ ବୁଝାଇ କହିଲେ – ମନୁସଂହିତାରେ ଅଛି – ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ ସୃଷ୍ଟି କରିବାକୁ ଇଚ୍ଛା କଲେ ସେ ପ୍ରଥମେ ପାଣି ବା ଜଳ ସୃଷ୍ଟି କଲେ, ପୁଣି ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭିତରେ ପ୍ରଥମ ଘନୀଭୂତ ରୂପ ହେଉଛି ଜଳ। ଅନ୍ୟ ସବୁ ହେଉଛି ବାୟବୀୟ ବା ବାଷ୍ପୀୟ ଅବସ୍ଥା। ଘନୀଭୂତ ପ୍ରଥମ ଭୂତ ହିଁ ହେଲା ହିଁ ପାଣି। ପାଣି ଉପରେ ପଦ୍ମ, ପୁରୁଷୋ ମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ – ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁ ଠାରୁ – ଅର୍ଥ ଗତି, ସ୍ଥିତି ଓ ପ୍ରାପ୍ତି। ଏହାକୁ ଆଶ୍ରୟ କରି ହିଁ ସୃଷ୍ଟି ବିକଶିତ ବା ବିବର୍ଦ୍ଧିତ। ଏହି ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେ ଅନ୍ତଃସୂତ୍ୟ ଓ ଏହା ଆଗେଇ ଚାଲିଛି ପ୍ରାପ୍ତିର ଦିଗରେ। ଆବେଗପୂର୍ଣ୍ଣ ଭାବରେ ଶ୍ରୀ ଶ୍ରୀ ଠାକୁର କହିଲେ – ମା'ସରସ୍ୱତୀ ହଂସାସୀନା, ହଂସ ଅର୍ଥ – ଅହଂ ସଃ ଅର୍ଥାତ୍ ମୁଁ ହିଁ ସେହି ଯିଏ ସର୍ବଜ୍ଞାନର ଅଧିଶ୍ୱରୀ। ପ୍ରତିଟି ମନୁଷ୍ୟ ତାଙ୍କୁ ବହନ କରି ଚାଲନ୍ତୁ, ଏହା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ। ବିଦ୍ୟାଚର୍ଚ୍ଚା, ମନକୁ ଉଦାର ଓ ପରାର୍ଥପର କରିବା, ସହନ–ଧାରଣ ଓ ବହନ ଶକ୍ତିର ବୃଦ୍ଧି ଏବଂ ହୀନତା–ସଂକୀର୍ଣ୍ଣତା–ସ୍ୱାର୍ଥପରତା ଓ ଅଶ୍ଳୀଳତାର ବିଲୋପ – ଏହା ହିଁ ହେଉଛି ଦେବୀଙ୍କର ହଂସବିହାରିଣୀର ତାତ୍ପର୍ଯ୍ୟ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପୁଣି କହିଲେ – ହଂସ ହେଲା କଳନାଦୀ ବା କଳକଣ୍ଠ। କଲ୍ ଧାତୁ ଅର୍ଥ ଗତି ଓ ଶବ୍ଦ। ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତା ହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ଅଣୁପରମାଣୁ ମଧ୍ୟରେ ରହିଛି ଏହି ଗତି ବା ଚଳମାନତା। ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ। ଯୁଗପୁରୁଷୋ ମ ଶ୍ରୀ ଶ୍ରୀ ଠାକୁର ପୁଣି ବ୍ୟକ୍ତ କଲେ – ମା'ଙ୍କର କୋଳରେ ପୂଜାପାଏ ବହି। ମା' ହେଉଛନ୍ତି ବିଦ୍ୟାଦେବୀ, ତାଙ୍କ ପାଖରେ ଅଛି ସୃଜନ ପ୍ରଗତି ଓ ଏହି ସୃଷ୍ଟି ହିଁ ଆଦିବ୍ରହ୍ମ। ବିଦ୍ୟା ଆସିଛି ବିଦ୍ ଧାତୁରୁ – ଅର୍ଥ ଜ୍ଞାନ, ବିଚାର, ଅସ୍ତିତ୍ୱ ଓ ପ୍ରାପ୍ତି। ପ୍ରକୃତ ବିଦ୍ୟାଲାଭ ହେଲେ ଜ୍ଞାନ, ଅସ୍ତିତ୍ୱ, ବିଚାରଶକ୍ତି ଓ ପ୍ରାପ୍ତି ଲାଭ ହୁଏ। ଆଉ ସେ ପ୍ରାପ୍ତି ହେଉଛି – ଧାରଣ–ପାଳନୀ–ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ ବା ଈଶ୍ୱର ପ୍ରାପ୍ତି।

ମା'ସରସ୍ୱତୀଙ୍କର ହସ୍ତରେ ଅଛି ବୀଣା – ବୀଣାରୁ ଜାତ ଶବ୍ଦ ବା ଧ୍ୱନୀ – ଐଂ ହେଉଛି ମା'ସରସ୍ୱତୀଙ୍କର ବୀଜମନ୍ତ୍ର। ସାଧନାର ବିଭିନ୍ନ ସ୍ତରରେ ଏହି ଧ୍ୱନୀ ଶୁଣାଯାଏ, ମା'ସରସ୍ୱତୀଙ୍କର ବୀଜମନ୍ତ୍ର ଯେଉଁଠାରେ ଶୁଣାଯାଏ ତାହା ହେଉଛି ସତ୍ୟଲୋକ – ଯେଉଁଠାରେ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ। ଶବ୍ଦ ସାଧନାରେ ଅଧିଗତ ହେଲେ ସୃଷ୍ଟିଧାରାର ମୂଳ ରହସ୍ୟ ଭକ୍ତକୁ ପ୍ରାପ୍ତ ହୁଏ। ମା'ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ – ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା। ମା'ସରସ୍ୱତୀଙ୍କର ଆଠଟି ଶକ୍ତି ଯଥା – ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା ଓ ଧୃତି।

ମା'ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା। ଏହି ଶୁଭ୍ର ବା ଧଳାରଙ୍ଗ ପବିତ୍ରତାର ପ୍ରତୀକ। ପୁଣି ସତ୍ତ୍ୱଗୁଣର ରଙ୍ଗ ମଧ୍ୟ ଧଳା। ସତ୍ତ୍ୱଗୁଣମାନେ ଅସ୍ତିତ୍ୱ ଯେଉଁଠାରେ ବଜାୟ ରହେ ତାହାର ଚର୍ଚ୍ଚା। ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା। ତାହା ସହଜରେ ଉପରକୁ ଉଠିପାରେ। ଯାହାର ନୀଚ ଦିଗରେ ଓଜନ ଭାରି ନୁହେଁ ଅର୍ଥାତ୍ ପ୍ରବୃତ୍ତିର ପାଷାଣଭାର ଠାରୁ ଯିଏ ମୁକ୍ତ ସେ ହିଁ ପ୍ରକୃତରେ ମୁକ୍ତ। ପୁଣି ସବୁବର୍ଣ୍ଣ ଏକତ୍ର ମିଳିଲେ ଧଳାବର୍ଣ୍ଣ ହୁଏ। ମା'ସରସ୍ୱତୀଙ୍କର ଏହି ଶୁଭ୍ରବର୍ଣ୍ଣ ମଧ୍ୟରେ ଏହି ମିଳନ ବା ସମାହାରର ଇଙ୍ଗିତ ପ୍ରତିଭାତ ହୁଏ। ଏହିସବୁକୁ ଲକ୍ଷ୍ୟ କଲେ ଜଣାଯାଏ ମା'ସରସ୍ୱତୀଙ୍କର ଉପାସନା ମାନେ ପରମବ୍ରହ୍ମର ଉପାସନା, ସୃଷ୍ଟି ତତ୍ତ୍ୱର ଉପାସନା। ଏହି ତାତ୍ପର୍ଯ୍ୟ ବୁଝି ଯେଉଁମାନେ ପୂଜା କରନ୍ତି ସେମାନଙ୍କର ପୂଜା ସାର୍ଥକ ହୁଏ। ଏଥିପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ ଆଶ୍ରମରେ ମା'ସରସ୍ୱତୀଙ୍କର ପୂଜା ସାଡ଼ମ୍ବରେ କରୁଥିଲେ। ଶ୍ରୀ ଶ୍ରୀ ଠାକୁର ସ୍ୱୟଂ ପୁଷ୍ପାଞ୍ଜଳି ଦେଉଥିଲେ ଓ ପ୍ରଣାମୀ ସହ ପ୍ରଣାମ ନିବେଦନ କରୁଥିଲେ। ପୁଷ୍ପାଞ୍ଜଳି ଦେଇ ଭକ୍ତି ସହକାରେ ମା'ସରସ୍ୱତୀଙ୍କୁ ପ୍ରଣାମ ନକଲା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଆହାର ଗ୍ରହଣ କରୁନଥିଲେ। ସମସ୍ତ ଭାବାର୍ଥ ସହ ଶ୍ରୀ ଶ୍ରୀ ଠାକୁର ବାଣୀ ଦେଲେ – 'ବିକାଶ–ବ୍ୟାକୁଳ ଗତି ହିଁ ଯାହାଙ୍କର ସଂସ୍ଥିତି – ସେ ହିଁ ମା' ସରସ୍ୱତୀ, ଆଉ ବାକ୍ ବା ଶବ୍ଦ ହିଁ ଯାହାଙ୍କର ସତ୍ତା – ସେ ହିଁ ବାଗ୍‌ଦେବୀ; ତେଣୁ ଯିଏ ବାଗ୍ ଦେବୀ, ସେ ହିଁ ମା' ସରସ୍ୱତୀ'।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଆଜାଦ୍ ହିନ୍ଦ୍ ଫୌଜ ଓ କଟକରେ ନେତାଜୀଙ୍କ ସ୍ମୃତିଚିହ୍ନ

ସୌରଚନ୍ଦ୍ର ମହାପାତ୍ର

୧୯୪୪ ମସିହା ଏପ୍ରିଲ ୧୪ ତାରିଖ। ସ୍ୱାଧୀନ ଭାରତର ପ୍ରଥମ ପତାକା ମଣିପୁରର ରାଜଧାନୀ ଇମ୍ଫାଲ ନିକଟରେ ଉଡିଥିଲା। ଆଜାଦ୍ ହିନ୍ଦ୍ ଫୌଜ୍ ବା ଇଣ୍ଡିଆନ ନ୍ୟାସନାଲ ଆର୍ମିର ତତ୍କାଳୀନ କର୍ଣ୍ଣେଲ ସୌକତ ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ଏହି ହାତ ତିଆରି ପତାକାଟି ଏବେ ମଣିପୁର ଉଖ୍ରୁଲ ଅଞ୍ଚଳରେ ରହୁଥିବା ଆଇଏନ୍‌ଏର ଜଣେ ପୂର୍ବତନ ସୈନ୍ୟଙ୍କ ପାଖରେ ରହିଛି। ଏକ ଲୁହା ଟ୍ରଙ୍କରେ କାଗଜରେ ଗୁଡ଼ାଇ ଏହି ବିରଳ ସ୍ମୃତି ସଂରକ୍ଷିତ କରି ରଖାଯାଇଛି। ଯେହେତୁ ଆଇଏନଏ ତରଫରୁ ଏହି ପତାକା ଉତ୍ତୋଳନ କରାଯାଇଥିଲା ତେଣୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଏହା ଏକ ସ୍ମୃତି ଚିହ୍ନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏହି ମୂଲ୍ୟବାନ ସ୍ମୃତିକୁ କଟକ ଓଡ଼ିଆ ବଜାର ସ୍ଥିତ ନେତାଜୀ ସଂଗ୍ରହାଳୟକୁ ଆଣିବାକୁ ଦାବି ହୋଇଛି।

୧୯୪୪ ମସିହା ମାର୍ଚ୍ଚ ୮ ତାରିଖରେ ଆଜାଦ୍ ହିନ୍ଦ୍ ଫୌଜର ଏକ ସ୍ୱତନ୍ତ୍ର ଦଳ ଜାପାନ ସୈନ୍ୟଙ୍କ ସହ ମିଶି ମଣିପୁରରେ ପ୍ରବେଶ କରିଥିଲେ। ମାର୍ଚ୍ଚ ୨୯ରେ ଜାପାନ ସୈନ୍ୟମାନେ ଇମ୍ଫାଲର ଉତ୍ତରରେ ଥିବା ରାସ୍ତାକୁ ଦଖଲ କରି କୋହିମା ଏବଂ ଭାରତର ରାସ୍ତାକୁ ଦଖଲ କରି କୋହିମା ଏବଂ ଭାରତର ଅବଶିଷ୍ଟ ଅଂଶରୁ ଇମ୍ଫାଲ ଉପତ୍ୟକାକୁ ଅଲଗା କରି ଦେଇଥିଲେ। ଦୁଇଦିନ ପରେ ସୈନ୍ୟ ବାହିନୀ ନାପାନ୍ ପାହାଡ଼କୁ କାବୁ କରି ସେନମ୍ ସାଡ଼ଲରେ ପାଦ ରଖିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସୌକତ ଅଲ୍ଲୀଙ୍କ ନେତୃତ୍ୱରେ ଆଜାଦ୍ ହିନ୍ଦ୍ ଫୌଜ୍‌ର ସୈନ୍ୟମାନେ ମୋଇରଙ୍ଗରେ ପ୍ରବେଶ କରିଥିଲେ। ରେଡ଼ିଓ ମାଧ୍ୟମରେ ଆଇଏନ୍‌ଏ କର୍ଣ୍ଣେଲ ଶ୍ରୀ ମଲ୍ଲିକ ନେତାଜୀ ସୁଭାଷ ବୋଷଙ୍କୁ ସୂଚନା ଦେଇଥିଲେ। ସେଠାରେ ଆଇଏନ୍‌ଏର ପତାକା ଉତ୍ତୋଳ କରିବାକୁ ନେତାଜୀଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେ ସମୟରେ ସୈନ୍ୟବାହିନୀ ପାଖରେ କୌଣସି ପତାକା ନଥିଲା। କର୍ଣ୍ଣେଲ ମଲ୍ଲିକ ତୁରନ୍ତ ଏକ ପତାକା ତିଆରି କରିବାକୁ ସହଯୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୈନ୍ୟବାହିନୀର ସଦସ୍ୟମାନେ ମିଶି ହାତରେ ଏକ ପତାକା ତିଆରି କରିଥିଲେ।

ଏହି ପତାକା ଉତ୍ତୋଳନ ପରେ ସେଠାରେ ଛିଡ଼ା ହୋଇ ଉଭୟ ଜାପାନ ଓ ଆଇଏନ୍‌ଏର ସୈନ୍ୟମାନେ



ଫଟୋ ଉଠାଇଥିଲେ। କିନ୍ତୁ ସେ ସମୟର ଗୋଟିଏ ବି ଫଟୋ ଏବେ ନାହିଁ। ପରେ ସନ୍ଧ୍ୟା ହେବାରୁ ପତାକା ତଳକୁ ଖସାଇ ଏହାକୁ ଜଣେ ସ୍କୁଲ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରତ୍ୟେକ ଦିନ ସେଠାରେ ପତାକା ଉଡାଇବାକୁ ତାଙ୍କୁ କୁହାଯାଇଥିଲା। ପରେ ଏହି ପତାକାଟି ସ୍ଥାନୀୟ ଜଣେ ଗ୍ରାମ ମୁଖିଆଙ୍କ କବ୍‌ଜାକୁ ଆସିଥିଲା। ଦୀର୍ଘ ବର୍ଷ ପରେ ୧୯୮୫ ମସିହାରେ ଏକ ଖବର କାଗଜରେ ପତାକା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଏହା ଆଇଏନ୍‌ଏର ପୂର୍ବତନ ସୈନ୍ୟ ୱାଇ.ଏ.ଶିଶକ ପତାକାକୁ ଉଦ୍ଧାର କରିଥିଲେ। ସ୍ୱାଧୀନ ଭାରତର ଏହି ପ୍ରଥମ ପତାକା ଏବେ ମଣିପୁରର ଉଖ୍ରୁଲରେ ରହିଛି। ନେତାଜୀ ସୁଭାଷ ବୋଷଙ୍କ ସ୍ମୃତିସନ୍ତକ ଭାବେ ଏହି ପତାକାକୁ ସଂଗ୍ରହାଳୟକୁ ଆଣିବାକୁ ଦାବି କରିଛନ୍ତି ବିଶିଷ୍ଟ ଐତିହାସିକ, ଗବେଷକ ଓ ସ୍ତମ୍ଭକାର ଅନିଲ୍ ଧିର। ତାଙ୍କ ତଥ୍ୟ ଅନୁଯାୟୀ ଏହି ବିରଳ ସ୍ମୃତି ବିଜଡ଼ିତ ଅତ୍ୟନ୍ତ ଦୁର୍ଲଭ ଜିନିଷଟି ଓଡ଼ିଶାବାସୀଙ୍କ ପାଇଁ ବିଶେଷ ଭାବେ ଆଗ୍ରହ ଓ ଉପଲବ୍ଧିର ବଡ଼ ସ୍ମୃତିଚିହ୍ନ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ଦାବି ଅନୁଯାୟୀ ଏ ନେଇ ବିଧିବଦ୍ଧ ଭାବେ ନିର୍ଦ୍ଦିଷ୍ଟ ଫୋରମ ଓ ଆବେଦନ ଅନୁଯାୟୀ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କୁ ସମସ୍ତ ତଥ୍ୟ ଦିଆଯାଇ ସୂଚୀତ କରାଯାଇଛି। ଓଡ଼ିଶାବାସୀଙ୍କ ମାଟି, ପାଣି, ପବନର ପ୍ରତିଟି କ୍ଷେତ୍ରରେ ସୁବାଷ ବୋଷଙ୍କ ସ୍ମରଣ ରହିଆସିଛି ତେଣୁ ଏପରି ଏକ ଦୁର୍ଲଭ ସଂଗ୍ରହଣୀୟ ଉପଲବ୍ଧିକୁ କଟକର ନେତାଜୀ ସଂଗ୍ରାହଳୟ କିମ୍ବା ନୂଆଦିଲ୍ଲୀସ୍ଥିତ ଜାତୀୟ ଆଇଏନଏ ସଂଗ୍ରାହଳୟରେ ସ୍ଥାନିତ କରାଗଲେ ଏହାର ସମ୍ମାନ ଓ ଗୌରବ ବଢ଼ିବା ସହ ପ୍ରତିଟି ଭାରତୀୟଙ୍କ ପାଇଁ ଆତ୍ମସମ୍ମାନ ଭାବନାକୁ ଆହୁରି ଜାଜ୍ଜ୍ୱଲ୍ୟମାନ କରିବ। ବିଶେଷକରି ଐତିହାସିକ, ଗବେଷକ ଓ ଗଣମାଧ୍ୟମ ପାଇଁ ଏହା ଏକ ବଡ଼ ସଂଗ୍ରହଣୀୟ ଓ ବିରଳ ସ୍ମୃତି ଚିହ୍ନର ଗୌରବ ରହିବ ନିଶ୍ଚୟ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬'
ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : soura999mohapatra@gmail.com



# ପିଲାଙ୍କ ପାଇଁ ବ୍ୟାନ୍ ହେବ ସୋସିଆଲ୍ ମିଡିଆ

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ସୋସିଆଲ ମିଡିଆ ବର୍ତ୍ତମାନ ଛୋଟ ପିଲାଙ୍କ ଉପରେ ବଡ଼ ପ୍ରଭାବ ପକାଉଛି । ସୋସିଆଲ୍ ମିଡିଆ ପାଇଁ ଛୋଟ ପିଲା ବିଭିନ୍ନ ପ୍ରକାର ଆକ୍ଟିଭିଟିଠୁ ଦୂରେଇ ରହୁଛନ୍ତି । ଖେଳକୁଦଠୁ ଦୂରେଇ ରହି, ମୋବାଇଲ୍ ଦେଖିବାକୁ ଅଧିକ ପସନ୍ଦ କରୁଛନ୍ତି । ପାଠ ପଢ଼ା ବି ସୋସିଆଲ୍ ମିଡିଆ ପାଇଁ ପ୍ରଭାବିତ ହେଉଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋବାଇଲ୍ ବ୍ୟବହାର ଦ୍ୱାରା ପିଲାମାନେ ମାନସିକସ୍ତରରେ ଦୁର୍ବଳ ହେଉଛନ୍ତି । ମୋବାଇଲ୍ ନିଶା ଏମିତି ଘାରୁଛି ଯେ ମୋବାଇଲ୍ ବ୍ୟବହାରକୁ ବାରଣ କରିବାରୁ ପିଲା ଆତ୍ମହତ୍ୟା କରିବାକୁ ବି ପଛାଉନାହାନ୍ତି । ଏଭଳି ଅନେକ ନଜିର ସାମ୍ନାକୁ ଆସିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶ ସରକାର ଏ ଦିଗରେ ବଡ଼ ପଦକ୍ଷେପ ନେବାକୁ



ଯାଉଛନ୍ତି । ଅଷ୍ଟ୍ରେଲିଆ ଭଳି ଆନ୍ଧ୍ରପ୍ରଦେଶରେ ବି ୧୬ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ୍ କରିବାକୁ ଯୋଜନା କରୁଛନ୍ତି । ଏବଂ ଏହା ଖୁବଶୀଘ୍ର ଲାଗୁ ହୋଇପାରେ । ସ୍ୱିଜରଲାଣ୍ଡ ଦାବୋସରେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଆନ୍ଧ୍ରପ୍ରଦେଶ ମାନବ ସଂସାଧନ ବିକାଶ ମନ୍ତ୍ରୀ ନାରା ଲୋକେଶ କହିଛନ୍ତି, ଆନ୍ଧ୍ରପ୍ରଦେଶ ସରକାର ଅଷ୍ଟ୍ରେଲିଆ ପରି 'ଅଣ୍ଡର-୧୬ ସୋସିଆଲ୍ ମିଡିଆ' ଆଇନ୍ ଆଣିବା ପାଇଁ ବିଚାର କରୁଛନ୍ତି । ପିଲାଙ୍କ ସୁରକ୍ଷା ଏବଂ ଉଜ୍ୱଳ ଭବିଷ୍ୟତ ପାଇଁ ଏହି ଆଇନ୍ ଆଣିବା ଜରୁରୀ ବୋଲି ସରକାର ଭାବୁଛନ୍ତି ।

# ମୁଁ କେବଳ ଲୋକଙ୍କୁ ପ୍ରଭାବିତ କରି ଭୋଟ୍ ପାଇବା ଜାଣିଛି

**ଜୟପୁର, ୨୨।୧ (ଏଜେନ୍ସି):** ରାଜସ୍ଥାନ କ୍ୟାବିନେଟ୍ ମନ୍ତ୍ରୀ କିରୋଡି ଲାଲ ମୀନା ତାଙ୍କର ସଦ୍ୟତମ ମନ୍ତବ୍ୟ ଦେଇ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି । ଭଗବାନ କୃଷ୍ଣ ଓ ତାଙ୍କ ଭକ୍ତ ମୀରାଙ୍କ ସମ୍ପର୍କରେ ତାଙ୍କର ମନ୍ତବ୍ୟ ରାଜନୈତିକ ଓ ସାମାଜିକ ଗଣମାଧ୍ୟମ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ସେ ଦୌସା ଜିଲ୍ଲାର କାଲୱାନ୍ ଗାଁରେ ଭାଷଣ ଦେଇ ପୁଣି ବିବାଦ ଘେରକୁ ଆସିଛନ୍ତି । ମୀରା-କୃଷ୍ଣ ପ୍ରସଙ୍ଗର ଉଲ୍ଲେଖ କରି ମନ୍ତ୍ରୀ ଏପରି କିଛି କହିଛନ୍ତି ଯାହାକୁ ନେଇ ଏବେ ଚର୍ଚ୍ଚା ହେଉଛି ଯେ, ମନ୍ତ୍ରୀ କହୁ କହୁ ତାଙ୍କ ପାଟିରୁ କଥା ଖସିଯାଇଥିଲା ନା ସେ ଜାଣିଶୁଣି ଏଭଳି କହିଛନ୍ତି । ମନ୍ତ୍ରୀ କହିଛନ୍ତି, ମୀରା ଭଗବାନ କୃଷ୍ଣଙ୍କୁ ପୂଜା କରୁଥିଲେ । ଆପଣମାନେ ସମସ୍ତେ ଜାଣନ୍ତି ଯେ, ମୁଁ ଏହି ବିଷୟଗୁଡ଼ିକରେ ଜ୍ଞାନୀ ନୁହେଁ । ମୁଁ କେବଳ ସାଧାରଣ ଭାଷଣ ଦେବା, ଲୋକଙ୍କୁ ପ୍ରଭାବିତ କରିବା, ଭୋଟ ପାଇବା ଓ ନିର୍ବାଚନ ଜିତିବା ବିଷୟରେ ଜାଣିଛି । ମୁଁ ଏହାଠାରୁ ଅଧିକ କିଛି ଜାଣିନାହିଁ ।ସେ କହିଛନ୍ତି ଯେ, ମୀରାଙ୍କ କୃଷ୍ଣଙ୍କ ପ୍ରତି ଭକ୍ତି ଏକ ସତ୍ୟ । ସେହି ଭକ୍ତି



ମାନବତାକୁ ସଶକ୍ତ କରେ । ଆମର ବେଦ, ପୁରାଣ, ଅବତାର ଓ ମହାପୁରୁଷଙ୍କ ଜୀବନକୁ ବୁଝିବା ପରେ ହିଁ ଲୋକମାନେ ସେମାନଙ୍କର ମତାମତ ପ୍ରକାଶ କରିବା ଉଚିତ । ମୀରା ଭଗବାନ କୃଷ୍ଣଙ୍କ ଭକ୍ତିରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲେ । ସେ ସମସ୍ତ ସୁଖ ଦୁଃଖ, ଖାଇବା ପିଇବା, ଶୋଇବା ଓ ଜାଗ୍ରତ ହେବା ଭୁଲି ଯାଇଥିଲେ । କେବଳ ଗୋଟିଏ ଭାବନାରେ ବୁଡ଼ି ରହିଥିଲେ, ମେରୋ ଗିରଧର ଗୋପାଳ ଦୁସରୋ ନା କୋଇ ।ମୀରାଙ୍କର କୃଷ୍ଣଙ୍କ ପ୍ରତି ବିଶ୍ୱାସ ଏତେ ଦୃଢ଼ ଥିଲା ଯେ, ସେ ସ୍ୱୟଂ ଈଶ୍ୱରଙ୍କୁ ଜୟ କରିନେଇଥିଲେ । ଯେତେବେଳେ ମୀରାଙ୍କୁ ବିଷର ପାତ୍ର ଦିଆଯାଇଥିଲା, ସେତେବେଳେ ସ୍ୱୟଂ ଭଗବାନ କୃଷ୍ଣ ତାଙ୍କୁ ରକ୍ଷା କରିଥିଲେ । ତାଙ୍କ ମତରେ, ଭଗବାନ ମୀରାଙ୍କ ଶରୀରରେ ପ୍ରବେଶ କରିଥିଲେ ଓ ନିଜେ ବିଷ ପିଇ ତାଙ୍କୁ ରକ୍ଷା କରିଥିଲେ। ମନ୍ତ୍ରୀ କିରୋଡି ଲାଲ ମୀନା କହିଛନ୍ତି, ଆଜି ଆମ ପାଖରେ ସେପରି ଶକ୍ତି ନାହିଁ କାରଣ ସେମାନେ ଦେବତା ଥିଲେ । କିନ୍ତୁ ଯଦି ଆରେ ମୀରା ଓ କୃଷ୍ଣଙ୍କ ଜୀବନରୁ ୧୦-୨୦ ପ୍ରତିଶତ ଶିକ୍ଷା ଗ୍ରହଣ କରିବା, ତେବେ ଆଜିର ସମାଜର ଅବନତିଶୀଳ ପରିବେଶରେ ଯଥେଷ୍ଟ ଉନ୍ନତି ଆସିପାରିବ ।

# ମୋଦି ମୋର ବନ୍ଧୁ, ଖୁବଶୀଘ୍ର ଭାରତ ସହ ହେବ ବାଣିଜ୍ୟିକ ଚୁକ୍ତି

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋଲାଲ୍ଡ ଟ୍ରମ୍ପ ସ୍ୱିଜରଲ୍ୟାଣ୍ଡ ଗସ୍ତରେ ଅଛନ୍ତି । ଏଠାରେ ସେ ୱାର୍ଲ୍ଡ ଇକୋନୋମି ଫୋରମକୁ ସମ୍ବୋଧିତ କରିଛନ୍ତି । ତେବେ ଏଠାରେ ଭାରତୀୟ ସାମ୍ବାଦିକଙ୍କ ସହ ସେ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏବଂ ବାଣିଜ୍ୟିକ ଚୁକ୍ତକୁ ନେଇ ପ୍ରତିକ୍ରିୟା ରଖିଛନ୍ତି । ଟ୍ରମ୍ପ ଏହି ବାର୍ତ୍ତାଳାପ ସମୟରେ କହିଛନ୍ତି କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଭଲ ବ୍ୟକ୍ତି । ସେ ମୋର ଜଣେ ଭଲ ବନ୍ଧୁ। ଆମେ ଏକ ମହାନ ବାଣିଜ୍ୟିକ ଚୁକ୍ତ



କରିବାକୁ ଯାଉଛୁ । କହି ରଖୁଛୁ କି, ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ପୂର୍ବରୁ ବିଫଳ ହୋଇଥିଲା । ଏହାପରେ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଥିଲେ । ଅଗଷ୍ଟ ମାସରେ ଟାରିଫ୍ ଲଗାଯାଇଥିଲା । ପରେ ଭାରତ ଋଷଠାରୁ ତେଲ କିଣିବାରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ୍ ଲଗାଯାଇଥିଲା । ତେବେ ପୂର୍ବରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ନେଇ ଆଲୋଚନା ହେବା ନେଇ କୁହାଯାଉଥିଲା । ଉଭୟ ଦେଶ ମଧ୍ୟରେ ଆସନ୍ତାକାଲି ଆଲୋଚନା ହେବ ବୋଲି ସୂଚନା ମିଳିଛି ।

# ୟୁରୋପର ବୟାନ 'ଭାରତ ବିନା ଆମେ ଅଧୁରା'

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ବିଶ୍ୱରେ ପ୍ରାୟ ସବୁ ଦେଶରେ ଅଶାନ୍ତି ଲାଗିରହିଥିବା ବେଳେ ଭାରତ କିନ୍ତୁ ଏ ସବୁଥିରୁ ନିବୃତ୍ତ ରହିଛି । ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିଆସିଛି ଭାରତ । ଯଦିଓ ଟାରିଫ୍ ପାଇଁ ଆମେରିକା ସହ ଭାରତର ସମ୍ପର୍କ ସାମାନ୍ୟ କ୍ଷୁର୍ଣ୍ଣ ହୋଇଛି, ତଥାପି ଭାରତ ଆମେରିକା ସହ ଆଲୋଚନା ଜାରି ରଖିଛି ଏବଂ ଭଲ ସମ୍ପର୍କ ରଖିବା ପାଇଁ ସବୁବେଳେ ଚେଷ୍ଟା କରିଆସିଛି । ଭାରତ ବର୍ତ୍ତମାନ ବିଶ୍ୱ ରାଜନୀତିରେ ଏକ ଦୃଢ଼ ଏବଂ ନିର୍ଣ୍ଣାୟକ ସ୍ଥିତିରେ ଅଛି । ଆମେରିକା ଶକ୍ତ ଭାବରେ ଭାରତ ସହିତ ଚୁକ୍ତିନାମା ଜାରି ରଖିଥିବାବେଳେ, ୟୁରୋପ ଖୋଲାଖୋଲି ଭାବରେ ସ୍ୱୀକାର କରୁଛି ଯେ ଭାରତ ବିନା ତାର ରଣନୀତି ଅସମ୍ପୂର୍ଣ୍ଣ । ଏହି କାରଣରୁ ୟୁରୋପୀୟ ସଂଘର ଶୀର୍ଷ ନେତାମାନେ ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ ଗଣତନ୍ତ୍ର ଦିବସ ପାଳନ ପାଇଁ ମୁଖ୍ୟ ଅତିଥି ଭାବରେ ଭାରତ ଆସୁଛନ୍ତି । ୟୁରୋପୀୟ ଅତିଥିମାନେ କେବଳ ଏକ ଆନୁଷ୍ଠାନିକ ଗସ୍ତ ପାଇଁ ଭାରତ ଆସୁନାହାନ୍ତି, ବରଂ ସେମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଏବଂ ଅର୍ଥନୈତିକ ପ୍ରସ୍ତାବ ମଧ୍ୟ ଆଣିଛନ୍ତି । ସେମାନଙ୍କ ଭାରତ ଗସ୍ତ ପୂର୍ବରୁ, ୟୁରୋପୀୟ



ୟୁନିଅନ ନେତାମାନେ ସ୍ୱୀକାର କରିଛନ୍ତି ଯେ ଭାରତ ଆଉ କେବଳ ଏକ ଉଦୀୟମାନ ଶକ୍ତି ନୁହେଁ ବରଂ ଏକ ରଣନୈତିକ ଦେଶ ପାଲଟିଛି । ଭାରତ ବିନା, ଆମେ ଅସମ୍ପୂର୍ଣ୍ଣ। ଯେତେବେଳେ ବିଶ୍ୱ ଯୁଦ୍ଧ, ରାଜନୈତିକ ଅସ୍ଥିରତା ଏବଂ ଆର୍ଥିକ ଚାପ ଅନୁଭବ କରୁଛି, ସେତେବେଳେ ୟୁରୋପୀୟ ସଂଘ ଭାରତକୁ ଏକ ନିର୍ଭରଯୋଗ୍ୟ ଏବଂ ଦୃଢ଼ ଅଂଶୀଦାର ଭାବରେ ଦେଖୁଛି । ଦେଶର ରାଜଧାନୀ ଦିଲ୍ଲୀରେ ପ୍ରସ୍ତାବିତ ୟୁରୋପୀୟ ସଂଘ-ଭାରତ ଶିଖର ସମ୍ମିଳନୀକୁ ଏହି ପରିବର୍ତ୍ତିତ ବିଶ୍ୱ ସନ୍ତୁଳନର ଏକ ପ୍ରମୁଖ ସଙ୍କେତ ଭାବରେ ଦେଖାଯାଉଛି । ଗଣତନ୍ତ୍ର ଦିବସରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ କେବଳ ଏକ କୂଟନୈତିକ ବୈଠକ ନୁହେଁ ବରଂ ବିଶ୍ୱ ଶକ୍ତି ସନ୍ତୁଳନରେ ପରିବର୍ତ୍ତନର ଶ୍ର ଭାବରେ ଦେଖାଯାଉଛି । ଏହି ସମ୍ଭାବ୍ୟ ଚୁକ୍ତିର ପ୍ରଭାବ ଦିଲ୍ଲୀରୁ ବେଜିଂ ଏବଂ ଇସଲାମାବାଦ ପର୍ଯ୍ୟନ୍ତ ଅନୁଭୂତ ହେବ । ଗୋଟିଏ ପଟେ, ଭାରତକୁ ବିଶ୍ୱ ସୁରକ୍ଷା ସ୍ଥାପତ୍ୟର ଏକ ପ୍ରମୁଖ ସ୍ତମ୍ଭ ଭାବରେ ବିବେଚନା କରାଯାଉଛି, ଅନ୍ୟପଟେ ଏହା ପାକିସ୍ତାନ ଏବଂ ଚୀନକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ପଶ୍ଚିମ ଦେଶଗୁଡ଼ିକ କେବଳ ବୟାନ ଦେଉନାହାନ୍ତି ବରଂ ଭାରତ ସହିତ ସବୁବେଳେ ଠିଆ ହୋଇଛନ୍ତି । ପ୍ରତିରକ୍ଷା, ଆତଙ୍କବାଦ ବିରୋଧୀ ରଣନୀତି ଏବଂ ସାଇବର ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ୟୁରୋପୀୟ ସଂଘର ଭାରତ ସହିତ ଏକତ୍ରିତ ହେବା ଏକ ପଦକ୍ଷେପ ଭାବରେ ଦେଖାଯାଉଛି ଯାହା ସମଗ୍ର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶକ୍ତି ସନ୍ତୁଳନକୁ ପରିବର୍ତ୍ତନ କରିପାରେ ।

## ପାକିସ୍ତାନରେ ମିଳିଲା କଳା ସୁନାର ଖଣି!

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ପାକିସ୍ତାନର ମେଣ୍ଟିବ ଭୋକ ।ସୁଧୁରିବ ଦେଶର ସ୍ଥିତି । କାହିଁକି ନା ପାକିସ୍ତାନରୁ ମିଳିଲା କଳା ସୁନାର ଖଣି। ପାକିସ୍ତାନ ସରକାରୀ ତୈଳ କମ୍ପାନୀ ଓଜିଡିସିଏଲ୍, ଖାଇବର ପଖତୁନଖ୍ୱା ପ୍ରଦେଶର କୋହତ ଜିଲ୍ଲାରେ ଏକ ତେଲ ଓ ଗ୍ୟାସ୍ ଭଣ୍ଡାର ଠାବ କରିଛି । ଗୋଟିଏ ମାସ ମଧ୍ୟରେ ଏହା ତୃତୀୟ ଭଣ୍ଡାର ଠାବ ହୋଇଛି । ଆଶା କରାଯାଉଛି ଏଥିରୁ ପାକିସ୍ତାନର ସ୍ଥିତି ସୁଧୁରିବ । ଠାବ ହୋଇଥିବା ତେଲ ଭଣ୍ଡାର ୨୦୨୪ରେ ଖନନ କରାଯାଇଥିଲା, ଏବଂ ତା'ପରେ ପରୀକ୍ଷଣ କରାଯାଇଥିଲା । ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ଦୈନିକ ୩,୧୦୦ ବ୍ୟାରେଲ୍ ଅଶୋଧିତ ତେଲ ଏବଂ ୮.୧୫ ମିଲିୟନ୍ ଘନଫୁଟ ପ୍ରାକୃତିକ ଗ୍ୟାସ ଉତ୍ପାଦନ ହେବ । ବର୍ତ୍ତମାନ ପାକିସ୍ତାନ ଆର୍ଥିକ ସଙ୍କଟ ଦେଇ ଗତି କରୁଛି । ଦେଶରେ ଗରିବି ବଢୁଛି । ଏଭଳି ପରିସ୍ଥିତିରେ ତୈଳ ଭଣ୍ଡାର ଠାବ ହେବା ପାକିସ୍ତାନ ପାଇଁ କୌଣସି ବରଦାନଠୁ କମ୍ ନୁହେଁ । ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ, ସରକାର ଘରୋଇ ତୈଳ ଏବଂ ଗ୍ୟାସ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । OGDCL କହିଛି ଯେ ଏହି ଆବିଷ୍କାର ଘରୋଇ ସମ୍ପଦରୁ ଶକ୍ତି ଯୋଗାଣ ଏବଂ ଚାହିଦା ବ୍ୟବଧାନକୁ ହ୍ରାସ କରିବ ଏବଂ ଦେଶର ହାଇଡ୍ରୋକାର୍ବନ ଭଣ୍ଡାର ବୃଦ୍ଧି କରିବ । ଆଉ ଆଗାମୀ ଦିନରେ ଦେଶର ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିବ ବୋଲି ଆଶା କରାଯାଉଛି ।

## ଦିଲ୍ଲୀ ମଦ ଦୁର୍ନୀତି ମାମଲା

# କେଜ୍ରିୱାଲଙ୍କୁ ବଡ ଆଶ୍ୱସ୍ତି

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** କଥିତ ମଦ ଦୁର୍ନୀତି ମାମଲା ସହ ଜଡ଼ିତ ଦୁଇଟି କେସରେ ଆମ୍ ଆଦମୀ ପାର୍ଟି (ଆପ୍)ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ମିଳିଛି ଆଶ୍ୱସ୍ତି । ସମନକୁ ଏଡାଇ ଦେବା କାରଣରୁ ଇଡି ଦ୍ୱାରା ରୁଜୁ କରାଯାଇ ଥିବା ମୋକଦମାରେ ଦିଲ୍ଲୀର ଏକ କୋର୍ଟ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ମୁକ୍ତ କରି ଦେଇଛନ୍ତି । କେଜ୍ରିୱାଲ ନିଷ୍ପତ୍ତି ପରେ ଏକ୍ସରେ 'ସତ୍ୟମେବ ଜୟତେ' ଲେଖି ନିଜର ପ୍ରତିକ୍ରିୟା ସେୟାର କରିଛନ୍ତି । ରାଉଜ ଏଭେନ୍ୟୁ କୋର୍ଟରେ ଆଡିସନାଲ ଚିଫ୍ ଜୁ୍ୟଡିସିଆଲ ମାଜିଷ୍ଟ୍ରେଟ୍ (ଏସିଜେଏମ) ପାରସ ଦଲାଲ ଗୁରୁବାର ଆଦେଶ ପାରିତ କରି ଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମନକୁ ଉଲ୍ଲଂଘନ କରିବା ଅଭିଯୋଗରେ ଇଡି ପକ୍ଷରୁ ଦାଏର ଦୁଇଟି ମାମଲାରେ ମୁକ୍ତ କରିଛନ୍ତି । ସୂଚନା ଯେ, ଇଡି ଫେବୃଆରୀ ୨୦୨୪ରେ କେଜ୍ରିୱାଲଙ୍କ ବିରୋଧରେ କୋର୍ଟରେ ପିଟିସନ ଦାଏର କରି ଥିଲା । ଭିନ୍ନ ଭିନ୍ନ ତାରିଖ ଉପରେ ୫ ଥର ସମନ କରାଯିବା ପରେ ସତ୍ତ୍ୱେ



ଅରବିନ୍ଦ କେଜ୍ରିୱାଲ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିର ସମ୍ମୁଖରେ ହାଜର ହୋଇ ନଥିଲେ । ଦିଲ୍ଲୀରେ ଆର୍ଥିକ ବର୍ଷ ୨୦୨୧-୨୨ରେ ଲାଗୁ କରାଯାଇ ଥିବା ଅବକାରୀ ନୀତିରେ ଗଡ଼ବଡ଼ର ଅଭିଯୋଗ ପରେ ସିବିଆଇ ୧୭ ଅଗଷ୍ଟ ୨୦୨୨କୁ କେସ୍ ରୁଜୁ କରିଥିଲା । ଅଗଷ୍ଟରେ ଇଡି ମଧ୍ୟ କେସ୍ ରୁଜୁ କରି ମନି ଲଣ୍ଡରିଂ ଅଭିଯୋଗର ଯାଞ୍ଚ ଆରମ୍ଭ କରିଥିଲା । ପରେ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯାଇ ଥିଲା । ସେ ଏହି ସମୟରେ ଜାମିନ୍ ଅଛନ୍ତି। ମଦ ଦୁର୍ନୀତି ଅଭିଯୋଗରେ ଅରବିନ୍ଦ କେଜ୍ରିୱାଲଙ୍କ ବ୍ୟତୀତ ଆମ୍ ଆଦମୀ ପାର୍ଟିର ଅନେକ ନେତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା । କେଜ୍ରିୱାଲଙ୍କ ବ୍ୟତୀତ ମନିଷ ସିଷୋଦିଆ। , ସଞ୍ଜୟ ସିଂହଙ୍କୁ ମଧ୍ୟ ଅନେକ ମାସ ଧରି ରହିବାକୁ ପଡ଼ି ଥିଲା ।

# କର୍ଣ୍ଣାଟକରେ ଭିବି- ଜି ରାମ୍ ଜି ଆଇନ ବିବାଦ

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦରେ ଏବେ କର୍ଣ୍ଣାଟକର ନାଁ ଯୋଡ଼ି ହୋଇଯାଇଛି । ଗୁରୁବାର କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍ ବିଧାନସଭାରେ ମାତ୍ର ଦୁଇ ଧାଡ଼ି ଭାଷଣ ପିବା ପରେ ବିଧାନସଭାରୁ ବାହାରି ଚାଲି ଯାଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣରେ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରାଯାଇଥିବାରୁ ସେ ବିରକ୍ତି ପ୍ରକାଶ କରି ବିଧାନସଭାରୁ ଚାଲି ଯାଇଥିଲେ । ରାଜ୍ୟପାଳଙ୍କ ଏପରି କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି ରାଜ୍ୟ ସରକାର । ଗୁରୁବାର ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ କର୍ଣ୍ଣାଟକ ରାଜ୍ୟପାଳ ବିଧାନ ସୌଧରେ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ସ୍ୱାଗତ କରିଥିଲେ । ଯୁଗ୍ମ ଅଧିବେଶନକୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ମୋ ସରକାର ରାଜ୍ୟର ଆର୍ଥିକ, ସାମାଜିକ ଓ ଭୌତିକ ବିକାଶ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହା କହିବା ପରେ ସେ ଜୟ ହିନ୍ଦ୍ ଜୟ କର୍ଣ୍ଣାଟକ କହି ଭାଷଣ ଶେଷ କରିଦେଇଥିଲେ । ଗେହଲଟ୍ ମାତ୍ର ୨ ମିନିଟ୍ ଭାଷଣ ରଖି ଚାଲିଯିବାକୁ ନେଇ କଂଗ୍ରେସ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହି ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ରାଜ୍ୟପାଳ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ ନ ପି ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ହାତରେ ସଖି କଣ୍ଢେଇ ପାଲଟିଛନ୍ତି । ରାଜ୍ୟପାଳଙ୍କ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବିଚାର କରୁଛନ୍ତି ବୋଲି ସିଦ୍ଧରମୈୟା କହିଛନ୍ତି । ଗେହଲଟ୍ ବୁଧବାର କର୍ଣ୍ଣାଟକ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ରଖିବାକୁ ମନା କରିଦେଇଥିଲେ, ଯାହା ଫଳରେ ସରକାରଙ୍କ ନୀତିକୁ ରୂପରେଖ ଦେଉଥିବା ପାରମ୍ପରିକ ଭାଷଣ ଉପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣରେ ରହିଥିବା ୧୧ଟି ଅନୁଚ୍ଛେଦକୁ ରାଜ୍ୟପାଳ ବିରୋଧ କରୁଥିବା ଜଣାପଡ଼ିଛି । ଏଥିରେ ଭିବି-ଜି ରାମ୍ ଜି ଆଇନ, ଏମ୍‌ଜିଏନ୍‌ଆରଇଜିଏର ରଦ୍ଦ ଏବଂ ପାଣ୍ଠି ହସ୍ତାନ୍ତର ସହିତ ଜଡିତ ପ୍ରସଙ୍ଗ ରହିଥିଲା । ଗେହଲଟ୍ ସେହି ଅନୁଚ୍ଛେଦଗୁଡ଼ିକୁ ହଟେଇ ଦେବାକୁ କହିଥିଲେ । ତେବେ ରାଜ୍ୟପାଳ ବିଧାନସଭାରୁ ଚାଲି ଯିବାପରେ କଂଗ୍ରେସ ବିଧାୟକ ଓ ମନ୍ତ୍ରୀ ଗୃହରେ ଲଜ୍ଜା, ଲଜ୍ଜା ବୋଲି ସ୍ଲୋଗାନ ଦେଇଥିଲେ । ରାଜ୍ୟପାଳଙ୍କ କାର୍ଯ୍ୟାଳୟ ବିଜେପି କାର୍ଯ୍ୟାଳୟ ପାଲଟିଛି ବୋଲି କର୍ଣ୍ଣାଟକ ମନ୍ତ୍ରୀ ପ୍ରିୟଙ୍କ ଖଡ଼ଗେ କହିଛନ୍ତି ।

# କଂଗ୍ରେସର ଦେଶବ୍ୟାପୀ ୪୫ ଦିନିଆ ଏମ୍‌ଜିଏନ୍‌ଆରଇଜିଏ ବଞ୍ଚାଅ ସଂଗ୍ରାମ ଅଭିଯାନ

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର କେନ୍ଦ୍ର ସରକାରଙ୍କୁ ଏମ୍‌ଜିଏନ୍‌ଆରଇଜିଏକୁ ରଦ୍ଦ କରି ଭିବି ଜିରାମ-ଜି ଆଇନ ଆଣିବାକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାର ଏହାଦ୍ୱାରା କୃଷି ଆଇନ ପରି ଭୁଲ୍ ଦୋହରାଇବାକୁ ଚାହୁଛନ୍ତି ବୋଲି ରାହୁଲ କହିଛନ୍ତି । ଦିଲ୍ଲୀର ଜବାହାର ଭବନ ଠାରେ ରଚନାତ୍ମକ କଂଗ୍ରେସ ଦ୍ୱାରା ଆୟୋଜିତ ଜାତୀୟ ଏମ୍‌ଜିଏନ୍‌ଆରଇଜିଏ ଶ୍ରମିକ ସମ୍ମିଳନୀକୁ ସମ୍ବୋଧନ କରି



ରାହୁଲ କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଗରିବ ଲୋକଙ୍କୁ କାମ କରିବାର ନିଶ୍ଚିତ ଅଧିକାର ପ୍ରଦାନ କରିବା ପାଇଁ ଏମ୍‌ଜିଏନ୍‌ଆରଇଜିଏ କରାଯାଇଥିଲା । ଉଦ୍ଦେଶ୍ୟ ଥିଲା କାମକୁ ଅଧିକାର ଭାବରେ ସୁନିଶ୍ଚିତ କରି ଗରିବଙ୍କୁ ସଶକ୍ତ କରିବା । ବିଜେପି ସେହି ଧାରଣାକୁ ସମାପ୍ତ କରିବାକୁ ଚାହୁଁଛି । ଏହି ଆଇନ ବିରୋଧରେ ଏକାଠି ହେବାକୁ ସେ ଶ୍ରମିକ ତଥା ନାଗରିକଙ୍କୁ ନିବେଦନ କରିଛନ୍ତି । କୃଷକଙ୍କ ଆନ୍ଦୋଳନ କଥା ମନେପକାଇ ରାହୁଲ କହିଛନ୍ତି, କେନ୍ଦ୍ର ସରକାର ଆଣିଥିବା ୩ଟି କୃଷି ଆଇନ ବିରୋଧରେ କୃଷକ ଜୋରଦାର ଆନ୍ଦୋଳନ କରିଥିଲେ । ଆମେ ସମସ୍ତେ ଏକାଠି ହୋଇ ସମ୍ପୃକ୍ତ ବିବାଦୀୟ ଆଇନକୁ ଉଚ୍ଛେଦ କରିଥିଲୁ । ସରକାର ସେହି ସମାନ ପଦକ୍ଷେପ ଶ୍ରମିକଙ୍କ ସହିତ ନେବାକୁ ଯାଉଛନ୍ତି । କଂଗ୍ରେସ ଜାନୁଆରି ୧୦ରୁ ଦେଶବ୍ୟାପୀ ୪୫ ଦିନିଆ ଏମ୍‌ଜିଏନ୍‌ଆରଇଜିଏ ବଚାଅ ସଂଗ୍ରାମ ଅଭିଯାନ ଆରମ୍ଭ କରିଛି । ଏହି ଅବସରରେ ରାହୁଲ ଜି-ରାମ୍-ଜି ଆଇନ କ'ଣ ବୋଲି ଜାଣିନାହାନ୍ତି ବୋଲି କହିଥିବାବେଳେ ବିଜେପି ଏହାକୁ ତୀବ୍ର ସମାଲୋଚନା କରିଛି । ଏହା କଂଗ୍ରେସର ହିନ୍ଦୁ ବିରୋଧୀ ମାନସିକତା ବୋଲି ବିଜେପି କହିଛି ।

## ଚଣ୍ଡିଗଡ଼ ମେୟର ନିର୍ବାଚନ

# ଭାଙ୍ଗିଲା ଆପ୍-କଂଗ୍ରେସ ମେଣ୍ଟ

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ପାଖେଇ ଆସୁଛି ଚଣ୍ଡିଗଡ଼ ମେୟର ନିର୍ବାଚନ । ନିର୍ବାଚନ ଯେତିକି ପାଖଉଛି ରାଜନୈତିକ ମହଲ ବି ସେତିକି ରୋଚକ ମୋଡ଼ ନେବାରେ ଲାଗିଛି । ଚଣ୍ଡିଗଡ଼ ରାଜନୈତିକ ପାଣିପାଗକୁ ତର୍ଜମା କଲେ ଗୋଟିଏ କଥା ସାମ୍ନାକୁ ଆସୁଛି, ଏଥର ବିଜେପି ଫାଇଦାରେ ରହିବ । କାରଣ ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନ ସ୍ପଷ୍ଟ ଭାବରେ ଚଣ୍ଡିଗଡ଼ ମେୟର ନିର୍ବାଚନ ଉପରେ ପ୍ରଭାବ ପକାଇବ । ଏଥର, ଆମ ଆଦମୀ ପାର୍ଟି ଏବଂ କଂଗ୍ରେସ ଚଣ୍ଡିଗଡ଼ ମେୟର ନିର୍ବାଚନରେ ମେଣ୍ଟ ଗଠନ କରିବେ ନାହିଁ । ପରିଣାମ ସ୍ୱରୂପ,




ଆପ୍ ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ଅଭାବରୁ, ବିଜେପି ମେୟର, ବରିଷ୍ଠ ଡେପୁଟି ମେୟର ଏବଂ ଡେପୁଟି ମେୟର ପଦବୀ ଜିତିବା ନିଶ୍ଚିତ । ଦୀର୍ଘଦିନ ଧରି ସସପେନ୍ସ ଲାଗିରହିଥିଲା କି ଇଣ୍ଡିଆ ମେଣ୍ଟର ଦୁଇ ବନ୍ଧୁ ଆପ୍ ଓ କଂଗ୍ରେସ ଚଣ୍ଡିଗଡ଼ ମେୟର ନିର୍ବାଚନ ପାଇଁ ମେଣ୍ଟ ଗଢ଼ିବେ କି ନାହିଁ, ଆଉ ଏହି ସସପେନ୍ସ ଉପରୁ ପରଦା ହଟାଇଛନ୍ତି ଆମ ଆଦମୀ ପାର୍ଟିର ଚଣ୍ଡିଗଡ଼ ପ୍ରଭାରୀ ଜର୍ନେଲ ସିଂହ । ଚଣ୍ଡିଗଡ଼ କଂଗ୍ରେସ ସଭାପତି ହରମୋହିନ୍ଦର ସିଂହ ଲକି ମଧ୍ୟ ଏହି ସୂଚନା ଦେଇଛନ୍ତି । ଏବେ, ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସ ତିନୋଟି ପଦବୀ ପାଇଁ ନିଜ ନିଜ ପ୍ରାର୍ଥୀ ଦେବେ । ଚଣ୍ଡିଗଡ଼ ମ୍ୟୁନିସିପାଲ୍ କର୍ପୋରେସନରେ ମୋଟ ୩୫ ଜଣ କାଉନସିଲର ଅଛନ୍ତି । ଏଥିମଧ୍ୟରୁ ବିଜେପିରେ ୧୮ ଜଣ କାଉନସିଲର, ଆମ ଆଦମୀ ପାର୍ଟିରେ ୧୧ ଜଣ କାଉନସିଲର ଏବଂ କଂଗ୍ରେସରେ ୬ ଜଣ କାଉନସିଲର ଅଛନ୍ତି ।

# ୧୩ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବ ପାକିସ୍ତାନ

**ଇସଲାମାବାଦ, ୨୨।୧ (ଏଜେନ୍ସି):** ପାକିସ୍ତାନ ଏହାର ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ୧୩ ଟି ଦେଶ ସହିତ କଥାବାର୍ତ୍ତା କରୁଛି ବୋଲି ଘୋଷଣା କରିଛି । ଏହି ଦେଶମାନଙ୍କ ମଧ୍ୟରେ ସାଉଦି ଆରବ, ଇଣ୍ଡୋନେସିଆ, ସୁଦାନ, ନାଇଜେରିଆ, ବାଂଲାଦେଶ, ମରୋକ୍କୋ, ଇଥିଓପିଆ, ଲିବ୍ୟା ଓ ଇରାକ୍ ପରି ଦେଶ ରହିଛନ୍ତି। ପାକିସ୍ତାନର ଅସ୍ତ୍ରଶସ୍ତ୍ର ମଧ୍ୟରେ ଲୁଆ ବିମାନ, ଡ୍ରୋନ୍ ଓ ସଶସ୍ତ୍ର ଯାନ ରହିଛି । ପାକିସ୍ତାନ ଆହୁରି ମଧ୍ୟ କହିଛି ଯେ, ଏହାର ଅସ୍ତ୍ରଶସ୍ତ୍ର ଯୁଦ୍ଧ ପରିକ୍ଷୀତ । ଭାରତ ସହିତ ନିକଟରେ ହୋଇଥିବା ଯୁଦ୍ଧରେ ଏସବୁ ବ୍ୟବହାର ହୋଇଥିବା ପାକିସ୍ତାନ ପକ୍ଷରୁ ଦାବି ହୋଇଛି । ପାକିସ୍ତାନ ବର୍ତ୍ତମାନ ଅର୍ଥନୈତିକ ଚାପ ତଥା ବିଦେଶୀ ମୁଦ୍ରା ବିନିମୟ ଅଭାବ ଦେଇ ଗତି କରୁଛି । ଅସ୍ତ୍ରଶସ୍ତ୍ର ବିକ୍ରି ଦ୍ୱାରା ପାକିସ୍ତାନ ଏଥିରୁ କିଛି ଆୟ କରିବାକୁ ଲକ୍ଷ୍ୟ ରଖିଛି। ତେବେ ପାକିସ୍ତାନ ଅସ୍ତ୍ରଶସ୍ତ୍ର ବିକ୍ରି କେବଳ ଆର୍ଥିକ ସମସ୍ୟାର ମୁକାବିଲା ପାଇଁ କରୁନାହିଁ । ପାକିସ୍ତାନ ଯେଉଁ ଦେଶମାନକୁ ଅସ୍ତ୍ରଶସ୍ତ୍ର ବିକ୍ରି କରୁଛନ୍ତି, ସେମାନଙ୍କ ସହିତ ଭାରତର କେମିତି ସମ୍ପର୍କ ରହିଛି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି । ଭାରତୀୟ ସେନାର ପୂର୍ବତନ ସେନିକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଜେଏସ୍ ସୋଢୀ କହିଛନ୍ତି, ଅପରେସନ ସିନ୍ଦୂର ପରେ ପାକିସ୍ତାନ ନିଜର ମିଥ୍ୟା ଆତ୍ମପ୍ରଚାର କରିବାରେ ସଫଳ ହୋଇଛି । ସାମରିକ ଦୃଷ୍ଟିକୋଣରୁ ଏହା ଭାରତଠାରୁ ପରାସ୍ତ ହୋଇଥିଲେ ମଧ୍ୟ ମିଥ୍ୟା ପ୍ରଚାର କରି ଭାରତଠାରୁ ଆଗରେ ରହିଛି । ଫଳରେ ଭାରତକୁ ୩୩ଟି ଦେଶକୁ ଏହାର ପ୍ରତିନିଧୀ ପଠାଇ ପାକିସ୍ତାନ କାରନାମା ପଦାକୁ ଆଣିବାକୁ ପଡ଼ିଥିଲା । ଏହାସତ୍ତ୍ୱେ ଏଡିବି, ଆଇଏମ୍‌ଏଫ ଓ ବିଶ୍ୱବ୍ୟାଙ୍କଠାରୁ ପାକିସ୍ତାନକୁ ୪୩.୪ ବିଲିଅନ ଡଲାର ଋଣ ମିଳିଥିଲା । ପାକିସ୍ତାନର ଅସ୍ତ୍ରରେ ଜେଏଫ-୧୭ ବ୍ଲକ ୩ ମଲ୍ଟିରୋଲ ଲଢୁଆ ବିମାନ ରହିଛି । ଏହାକୁ ଚୀନ ସହିତ ମିଳିତ ଭାବେ ପାକିସ୍ତାନ ବିକଶିତ କରିଛି

# ବସନ୍ତ ପଞ୍ଚମୀରେ ଭୋଜଶାଳାରେ ହେବ ପୂଜା ଓ ନମାଜ ପାଠ

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ଅବସ୍ଥିତ ଐତିହାସିକ ଭୋଜଶାଳାକୁ ନେଇ ଚାଲିଥିବା ବିବାଦର ଏକ ଆବେଦନର ଶୁଣାଣି କରି, ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି । ହିନ୍ଦୁ ପକ୍ଷ ଦ୍ୱାରା ଦାୟର ଏକ ନୂତନ ଆବେଦନ ଉପରେ ଗୁରୁବାର ସୁପ୍ରିମକୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି । ବସନ୍ତ ପଞ୍ଚମୀ ଓ ଶୁକ୍ରବାର ନମାଜ ପାଠ ଗୋଟିଏ ଦିନରେ ପଡୁଥିବାରୁ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ବସନ୍ତ ପଞ୍ଚମୀ ପୂଜା ଓ ଶୁକ୍ରବାର ନମାଜ ପାଠ ଉଭୟ ଭୋଜଶାଳାରେ ଅନୁଷ୍ଠିତ ହେବ । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅପରାହ୍ନ ୧ଟାରୁ ୩ଟା ମଧ୍ୟରେ ନମାଜ ପାଠ କରାଯିବ । ମନ୍ଦିର ପରିସରରେ ନମାଜ ପାଇଁ ଏକ ପୃଥକ ସ୍ଥାନ ନିରୂପଣ କରାଯିବ। ପୂଜା ଓ ନମାଜ ପାଠ କରୁଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ପାସ୍ ପ୍ରଦାନ କରାଯିବ । ବସନ୍ତ ପଞ୍ଚମୀ ପୂଜା ପାଇଁ ମଧ୍ୟ ଏକ ପୃଥକ ସ୍ଥାନ ନିରୂପଣ କରାଯିବ । ତେବେ ପୂଜା ପାଇଁ କୌଣସି ସମୟ ସୀମା ରହିବ ନାହିଁ।ଏହି ମାମଲାର ଶୁଣାଣି ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଓ ଜଷ୍ଟିସ୍ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କରିଛନ୍ତି। ହିନ୍ଦୁ ଫ୍ରଣ୍ଟ ଫର୍ ଜଷ୍ଟିସ୍ ଦ୍ୱାରା ଦାୟର ଆବେଦନରେ ଦାବି କରାଯାଇଥିଲା ଯେ, ଜାନୁଆରି ୨୩ରେ ବସନ୍ତ ପଞ୍ଚମୀ ପଡୁଛି ସେଥିପାଇଁ ଶୁକ୍ରବାର ଦିନ ମୁସଲିମ ସମ୍ପ୍ରଦାୟଙ୍କୁ ନମାଜ ପାଠ କରିବାରୁ ନିଷେଧ କରାଯାଉ । କେବଳ ହିନ୍ଦୁମାନଙ୍କୁ ଦେବୀ ସରସ୍ୱତୀଙ୍କ ପୂଜା କରିବାକୁ ଅନୁମତି ଦିଆଯାଉ । ହିନ୍ଦୁ ପକ୍ଷ ପକ୍ଷରୁ ବିଷ୍ଣୁ ଶଙ୍କର ଜୈନ ଯୁକ୍ତି ଉପସ୍ଥାପନ କରିଥିଲେ, ଯେତେବେଳେ ମୁସଲିମ ପକ୍ଷ ପକ୍ଷରୁ ସଲମାନ ଖୁର୍ସିଦ କୋର୍ଟରେ ହାଜର ହୋଇଥିଲେ । ଏହା ଦର୍ଶାଯାଇଥିଲା ଯେ, ଏଭଳି ବସନ୍ତ ପଞ୍ଚମୀ ପୂର୍ବରୁ ତିନି ଥର ଶୁକ୍ରବାର ପଡ଼ିତବଲା । ଶୁକ୍ରବାର ନମାଜ ପାଠକୁ ନେଇ ବିବାଦ ଉପୁଜିଥିଲା । ହିନ୍ଦୁ ପକ୍ଷଙ୍କ ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, ପୂଜା ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କରାଯାଇଥାଏ । ଶୁଣାଣି ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତ କହିଥିଲେ ଯେ, ଉଭୟ ସମ୍ପ୍ରଦାୟକୁ ପ୍ରାର୍ଥନା କରିବାକୁ ଅନୁମତି ଦିଆଯାଇପାରିବ । କିନ୍ତୁ ଆଇନ ଶୃଙ୍ଖଳା ବଜାୟ ରଖିବା ଜରୁରୀ । ସେ ପଚାରିଥିଲେ ଯେ, ଏଥିପାଇଁ କ'ଣ ବ୍ୟବସ୍ଥା କରାଯାଇଛି । ମଧ୍ୟପ୍ରଦେଶ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍ଜି) କୋର୍ଟଙ୍କୁ ଆଶ୍ୱାସନା ଦେଇଥିଲେ, କୌଣସି ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ହେବାକୁ ଦିଆଯିବ ନାହିଁ ।

